### ସମ୍ବଲପୁର ସହରରେ ପାନୀୟଜଳ ସମସ୍ୟା ଉଦ୍‌ବେଗ

# ତୁରନ୍ତ ସମାଧାନ ନ ହେଲେ ୱାଟ୍‌କୋ ଘେରାଉ: ରୋହିତ

ସମ୍ବଲପୁର, ୫।୨ (ସମିସ)

ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ସମ୍ବଲପୁର ସହରରେ ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ୱାଟକୋ ଅଫିସ୍ ଘେରାଉ କରାଯିବ ବୋଲି ଚେତାବନି ଦେଇଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ ବିଗତ ତିନି ଦିନରୁ ଉର୍ଦ୍ଧ୍ୱ ହେଲାଣି ସମ୍ବଲପୁର ସହରର ଅଧିକାଂଶ ସ୍ଥାନରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଜନସାଧାରଣ ପାନୀୟ ଜଳ ଯୋଗାଣର ଅଭାବରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହା ୱାଟକୋର ଚରମ ଅବହେଳାକୁ ଦର୍ଶାଉଛି। ଦୁର୍ଭାଗ୍ୟର ବିଷୟ ହେଲା ଯେ କିଛି ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ସମୟରେ ସହରବାସୀଙ୍କୁ ୨୪ ଘଣ୍ଟା ପାନୀୟ ଜଳଯୋଗାଣ ହେବ ବୋଲି ଘୋଷଣା କରିଥିଲେ, କିନ୍ତୁ ବର୍ତ୍ତମାନ ୭୨ ଘଣ୍ଟାରୁ ଉର୍ଦ୍ଧ୍ୱ ହେବ ଜଳଯୋଗାଣ ବନ୍ଦ ରହିଛି। ଅନୁରୂପ ଭାବରେ ବାମରା ଷ୍ଟେସନ ବସ୍ତି ଅଞ୍ଚଳରେ ମଧ୍ୟ ଦୀର୍ଘ ଆଠ ଦିନରୁ ଉର୍ଦ୍ଧ୍ୱ ହେବ ପାନୀୟ ଜଳଯୋଗାଣ ହେଉନାହିଁ। ଏହା ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ପାନୀୟ ଜଳ ଯୋଗାଣର ସମସ୍ୟା ପରିଲକ୍ଷିତ ହେଉଛି। ପୂର୍ବୋକ୍ତ ବିଷୟବସ୍ତୁକୁ ନେଇ ଇଂ ପୂଜାରୀ କହିଛନ୍ତି ଯେ ବିଗତ ବିଜେଡି ସରକାର ସମୟରେ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ଓ ଇଂ ପୂଜାରୀଙ୍କ ନିଜସ୍ୱ ପ୍ରସ୍ତାବ ଅନୁଯାୟୀ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଏନ୍‌ଏସି, ମ୍ୟୁନିସିପାଲଟି ଏବଂ ଗ୍ରାମାଞ୍ଚଳରେ ବୃହତ୍ ପାନୀୟ ଜଳ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ସରି କାର୍ଯ୍ୟାଦେଶ ଆରମ୍ଭ ହୋଇଥିଲା, କିନ୍ତୁ ପରିତାପର ବିଷୟ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ପୂର୍ବୋକ୍ତ ପ୍ରକଳ୍ପ ଗୁଡ଼ିକର ଗତି ଅତି ମନ୍ଥର ବା ନିରାଶଜନକ ହୋଇଥିବାର ଦେଖିବାକୁ ମିଳିଛି। ୱାଟକୋ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ଶୀଘ୍ର ହେବ କହି ଭଣ୍ଡାଇବା ପରିବର୍ତ୍ତେ ତୁରନ୍ତ ସମସ୍ୟାର ସମାଧାନ କରି ଯଦି ଜଳଯୋଗାଣ ନ ହୁଏ ତେବେ ଜନସାଧାରଣଙ୍କ ସହ ମିଶି ବିଜୁ ଜନତା ଦଳ ୱାଟକୋ ଅଫିସ ଘେରାଉ କରିବ ଏବଂ ଏଥିପାଇଁ ଉଭୟ ୱାଟକୋ ଏବଂ ସରକାର ଦାୟୀ ରହିବେ ବୋଲି ଇଂ ପୂଜାରୀ ଚେତାବନୀ ଦେଇଛନ୍ତି।

# ଇଥାନଲ ପ୍ଲାଣ୍ଟ ସ୍ଥାପନକୁ ବିରୋଧ

**ସମ୍ବଲପୁର, ୫।୨ (ସମିସ) :** ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ଦେଓଗାଁରେ ନିର୍ମାଣାଧିନ ଇଥାନଲ୍ କାରଖାନାକୁ ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଦେଓଗାଁ ପଞ୍ଚାୟତବାସୀ ବେଆଇନ ଇଥାନଲ ପ୍ଲାଣ୍ଟ ସ୍ଥାପନ, ପରିବେଶ ଓ ଜଙ୍ଗଲ ଆଇନ ଉଲ୍ଲଂଘନ, ମହାନଦୀ ଶଯ୍ୟାରେ ଅବୈଧ କାର୍ଯ୍ୟ ଆଦି ଅଭିଯୋଗ ନେଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାବ୍ୟତୀତ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ, ଜିଲ୍ଲାପାଳ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ ବିନା ଗ୍ରାମସଭାରେ ଚଞ୍ଚକତା କରି ଆପତ୍ତିବିହିନ ପ୍ରମାଣପତ୍ର ଆଣି ହାତୀ ଚଲାପଥ ଭାବେ ପରିଚିତ ସଂରକ୍ଷିତ ଜଙ୍ଗଲରେ ଏହି କାରଖାନା ନିର୍ମାଣ କରାଯାଉଛି। ଏହି କାରଖାନା ଦ୍ୱାରା ଜଳଉତ୍ସ ଏବଂ ପରିବେଶ ପ୍ରଦୂଷିତ ହେବାର ଆଶଙ୍କା ରହିଛି ବୋଲି ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଅନୁମତି ଜଙ୍ଗଲ (ସଂରକ୍ଷଣ) ଆଇନ, ୧୯୮୦, ପରିବେଶ (ସୁରକ୍ଷା) ଆଇନ, ୧୯୮୬, ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ପାଇପ ଲାଇନ ବିଛାଇବା ଆଦି କରାଯାଉଛି। ଏହାକୁ ବିରୋଧ କରୁଥିବା ଗ୍ରାମବାସୀଙ୍କୁ ଧମକ ଚମକ ଦିଆଯାଉଛି। କେତେଜଣ ମହିଳାଙ୍କ ନାମରେ କମ୍ପାନୀ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ କମ୍ପାନୀକୁ ପ୍ଲାଣ୍ଟ ନିର୍ମାଣ ପାଇଁ ବିନା ଗ୍ରାମସଭାରେ ଦିଆଯାଇଥିବା ଅନୁମତି ବାତିଲ ଏବଂ ଅନୁମତି ପ୍ରଦାନ କରିଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ନିଯୁକ୍ତି ମେଳା

**ସମ୍ବଲପୁର, ୫।୨ (ସମିସ) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆଜି ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲ୍‌ଙ୍କ ଅଧ୍ୟକ୍ଷତାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ମୁରଲୀଧର ମାଝୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ଲେସମେଣ୍ଟ ସେଲ୍‌ଫ କୋଡିନେଟର ଅଧ୍ୟାପକ ସନ୍ତୋଷ ରଞ୍ଜନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଡି.ଆଇ.ସି.ର ଜେନେରାଲ ମ୍ୟାନେଜର ସତୀଶ ଚନ୍ଦ୍ର ନାୟକ, ବି.ଓ.ପି.ଟି.ର ଆସିଷ୍ଟାଣ୍ଟ ଡାଇରେକ୍ଟର ସୁସ୍ମିତା ଘୋଷ, ଜୁନିଅର ଏମ୍ପ୍ଲୟମେଣ୍ଟ ଅଫିସର ଏଲ୍.ବି. ସାହୁ, ବି.ଓ.ପି.ଟି.ର ଓଏସ୍‌ଡି ବିଜୟ ପ୍ରଧାନ, ଅଜିତ ପ୍ରଧାନୀ ପ୍ରମୁଖ ଯୋଗଦାନ କରିଥିଲେ। ଏହି ମେଳାରେ ୨୧ଟି କମ୍ପାନୀ ଯୋଗ ଦେଇଥିବାବେଳେ ୫୭୬ ଜଣ ଯୋଗ୍ୟ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ ଏବଂ ୩୩୫ ଜଣ ପ୍ରାର୍ଥୀ ଚୂଡାନ୍ତ ପର୍ଯ୍ୟାୟର ସାକ୍ଷାତକାର ପାଇଁ ମନୋନୀତ ହୋଇଥିଲେ। ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିବା ପାଇଁ ଅନ୍ ଲାଇନ୍ ମାଧ୍ୟମରେ ୫୧୪ ଜଣ ଏବଂ ୬୨ ଜଣ ତତ୍‌କାଳ ରେଜିଷ୍ଟ୍ରେସନ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।



# ଟ୍ରେନ ଧକ୍କାରେ ଜଣେ ମୃତ

**ସମ୍ବଲପୁର, ୫।୨ (ସମିସ) :** ସମ୍ବଲପୁର ଫାଟକ ନିକଟରେ ରେଳଧାରଣାରୁ ଆଜି ସକାଳେ ରେଳବାଇ ପୁଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ଜିଆରପି ଅଧିକାରୀଙ୍କ ମୃତବ୍ୟକ୍ତି ଜଣକ ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳର। ପ୍ରାଥମିକ ତଦନ୍ତରୁ ଏହା ଦୁର୍ଘଟଣା ବୋଲି କୁହାଯାଉଥିବାବେଳେ କେଉଁ ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଛି ତାହା ଜଣାପଡ଼ିନାହିଁ। ଜିଆରପି ଶବ ଉଦ୍ଧାର କରି ବୁର୍ଲାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତାଙ୍କ ପରିବାର ଲୋକଙ୍କୁ ବ୍ୟବଚ୍ଛେଦ ପରେ ମୃତଦେହ ପ୍ରଦାନ କରାଯାଇଛି। ଉକ୍ତ ବ୍ୟକ୍ତି ଜଣକ ସମ୍ବଲପୁରର ଗୋପାଳମାଲରେ ରହୁଥିଲେ। ପୁରୁଣା ଫାଟକ ରେଳଷ୍ଟେସନ ନିକଟରେ ଟ୍ରେନ ଧକ୍କାରେ ବାରମ୍ବାର ଲୋକଙ୍କ ଜୀବନ ଯାଉଛି। ଏଥିପାଇଁ ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ କରାଯାଇଛି। ତେବେ ବି ସ୍ଥାନୀୟ ଅଧିବାସୀ ଓ ଛାତ୍ରଛାତ୍ରୀ ଚାଲିଚାଲି ରେଳଧାରଣା ପାରିହେଉଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ରେଳ ବିଭାଗ ପକ୍ଷରୁ ଠୋସ ପଦକ୍ଷେପ ଗ୍ରହଣ କରିବାକୁ ସଚେତନ ମହଲରେ ମତପ୍ରକାଶ ପାଉଛି।

# ଲୋକଙ୍କୁ ଆକ୍ରମଣ କଲା ଅଜଣା ଜନ୍ତୁ

**କୁଚିଣ୍ଡା, ୫ ।୨(ସମିସ):** ବାମରା ବ୍ଲକ ଘୁମୁଣ୍ଡୁମାଲ ଗ୍ରାମରେ ବିରଳ ପ୍ରଜାତିର ଅଜଣା ଜନ୍ତୁ ପଶି ଆସି ଲୋକଙ୍କୁ ଆକ୍ରମଣ କରିଥିଲା। ଲୋକମାନେ ଉକ୍ତ ଜନ୍ତୁକୁ କାବୁ କରି ବନ ବିଭାଗକୁ ଜିମା ଦେଇଥିବା ସୂଚନା ରହିଛି। ଅନ୍ୟପଟେ ଏପରି ଜନ୍ତୁ ଆଗରୁ ଅଞ୍ଚଳବାସୀ ଦେଖି ନଥିବା ବେଳେ ଏହା ଗାଡ଼ ଭାଲୁ ବୋଲି ବନ ବିଭାଗ ସ୍ପଷ୍ଟ କରିଛି। ସୂଚନା ଅନୁସାରେ ବୁଧବାର ସନ୍ଧ୍ୟା ସମୟରେ ଘୁମୁଣ୍ଡୁମାଲ ଦୁଗ୍ଧ କେନ୍ଦ୍ର ନିକଟରେ ବିରଳ ପ୍ରଜାତିର ଅଜଣା ବନ୍ୟ ଜନ୍ତୁ ପଶି ଆସି ଲୋକଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଗ୍ରାମବାସୀ ଫାସ ପକାଇ ଉକ୍ତ ଜନ୍ତୁକୁ କାବୁ କରିବା ସହ ଡ୍ରମରେ ଭର୍ତ୍ତି କରି ଦେଇଥିଲେ। ସୂଚନା ପାଇ ବନ ବିଭାଗ କର୍ମଚାରୀ ରାତି ପ୍ରାୟ ୧୦ ଟାରେ ପହଞ୍ଚି ସମ୍ପୃକ୍ତ ଜନ୍ତୁକୁ ଉଦ୍ଧାର କରିବା ସହ ବାମରା ରେଞ୍ଜ ଅଫିସକୁ ନିଆଯାଇଥିବା ସୂଚନା ରହିଛି। ଉଦ୍ଧାର ହୋଇଥିବା ଜନ୍ତୁକୁ ଗାଡଭାଲୁ ବା ହନି ବିଅର୍ କୁହାଯାଏ। ଏହା ବାମରା ରେଞ୍ଜ ଅଞ୍ଚଳରେ ବିରଳ ବୋଲି ବାମରା ରେଞ୍ଜର ଦୀପକ ମହାକୁଲ କହିଛନ୍ତି। ଉକ୍ତ ବନ୍ୟଜନ୍ତୁକୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା। ବନ ବିଭାଗ ଉଦ୍ଧାର ହନି ବ୍ରେଜରକୁ ଆଜି ସୁରକ୍ଷିତ ଭାବେ ଜଙ୍ଗଲରେ ଛଡା ଯାଇଥିବା ସୂଚନା ରହିଛି।



# ମହିଳା ମହାବିଦ୍ୟାଳୟରେ ବକ୍ତୃତାମାଳା

**ସମ୍ବଲପୁର, ୫।୨ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ଏବଂ 'ଆମ କଲେଜ, ଆମ ଗୌରବ'ର ମିଳିତ ଆନୁକୂଲ୍ୟରେ ଚଳିତ ଶିକ୍ଷାବର୍ଷର ପଞ୍ଚମ




ପ୍ରେରଣାଦାୟୀ ବକ୍ତୃତା (ଏକ୍ସଟ୍ରାମୁରାଲ୍ ଟକ୍) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ପୁଲିସ ସେବା ଶିକ୍ଷାନବିସ କୋମଲ ଗର୍ଗ ଆଲୋଚିକା ଭାବରେ ଯୋଗଦାନ କରିଥିଲେ। ସୁଶ୍ରୀ ଗର୍ଗ କହିଥିଲେ ଯେ ଆମର ଲକ୍ଷ୍ୟ ନିର୍ଦ୍ଧାରଣ କଲାପରେ ତଦନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ। ନିଜର ଉଦାହରଣ ଦେଇ କହିଥିଲେ ହରିୟାଣାର ଶୀର୍ଷାରୁ ମାଧ୍ୟମିକ ଶିକ୍ଷା ଲାଭ କଲା ପରେ ସେ ନୂଆଦିଲ୍ଲୀର ମିରିଣ୍ଡା କଲେଜରୁ ସ୍ନାତକ କରିଥିଲେ। କୌଣସି ପ୍ରକାର କୋଚିଂର ସହାୟତା ନନେଇ ମଧ୍ୟ ତୃତୀୟ ପ୍ରୟାସରେ ସେ ସଫଳ ହୋଇଥିଲେ। ତାଙ୍କ ସଫଳତା ପଛର କାହାଣୀ ତଥା ପ୍ରସ୍ତୁତିର ରୂପରେଖ ଛାତ୍ରୀମାନଙ୍କୁ ବୁଝାଇଥିଲେ। ବକ୍ତବ୍ୟ ପରେ ସୁଶ୍ରୀ ଗର୍ଗ ଛାତ୍ରୀମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଅଖିଳ ବିଶ୍ୱାଳ ଅତିଥିଙ୍କ ପରିଚୟ ପ୍ରଦାନ ଏବଂ ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଢ଼ାରଜା ହାଇସ୍କୁଲ ଛାତ୍ରଙ୍କ ରାଷ୍ଟ୍ରପତି ଭବନ ଭ୍ରମଣ

**ସମ୍ବଲପୁର, ୫।୨ (ସମିସ) :** ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଙ୍କିତ ସାହୁ, କାଶୀନାଥ ସାହୁ, ଥବିର ଚରଣ ଭୋଇ, ଗୌରବ ମିଶ୍ର, ଅମିତ ମାଝି, ପ୍ରଧାନ ଶିକ୍ଷକ ସୁମିତା ପତ୍ରୀଙ୍କ ତତ୍ତ୍ୱାବଧାନରେ ଯାଇ ରାଷ୍ଟ୍ରପତି ଭବନ ଓ ସଂସଦ ଭବନ ପରିଭ୍ରମଣ କରି ଫେରିଛନ୍ତି। ରାଉଣ୍ଡ ଟେବୁଲ ଇଣ୍ଡିଆ ଦ୍ୱାରା ଆୟୋଜିତ ଫ୍ଲାଇଟ୍ ଅଫ ଫାଣ୍ଟାସି କାର୍ଯ୍ୟକ୍ରମରେ ଓଡ଼ିଶା ଓ ଛତିଶଗଡ଼ରୁ ୬୨ ଜଣ ଛାତ୍ରଛାତ୍ରୀ ବିମାନ ଯୋଗେ ଦିଲ୍ଲୀ ଯାତ୍ରା କରିଥିଲେ। ଦିଲ୍ଲୀରେ ରାଷ୍ଟ୍ରପତି ଭବନ ଏବଂ ସଂସଦ ଭବନ ବୁଲିଥିଲେ। ସେଠାରେ ରାଷ୍ଟ୍ରପତି ଭବନ ଏବଂ ସଂସଦ ଭବନର ବିଭିନ୍ନ ହଲ, ମ୍ୟୁଜିୟମ, ରାଜ୍ୟସଭା ଓ ଲୋକସଭାର ଅଧିବେଶନ ଦେଖିବା ସହ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠଙ୍କ ସହ ସାକ୍ଷାତ କରିଥିଲେ। ଏହିପରି ପରିଭ୍ରମଣ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି କରିବାସହ ସେମାନଙ୍କୁ ଭବିଷ୍ୟତରେ ଉନ୍ନତ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିବ।



# ସାପ କାମୁଡ଼ା ଓ ବଜ୍ରପାତ ସଚେତନତା

**ଜମନକିରା, ୫ ।୨(ସମିସ):** ଜମନକିରା ବ୍ଲକ ବିଶ୍ୱ ସେବା ସରକାରୀ ଅନ୍ତର୍ଦୃଷ୍ଟି ଉଚ୍ଚ ବିଦ୍ୟାଳୟ କୁଲୁଣ୍ଡିଠାରେ ବୁଧବାର ଦିନ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ବିଭାଗ ଆନୁକୂଲ୍ୟରେ ସାପ କାମୁଡ଼ା କମାଇବା ଓ ବଜ୍ରପାତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା, ଜିଲ୍ଲା ରେଡ଼କ୍ରସ ଟ୍ରେନର ଓ ପ୍ରକଳ୍ପ ସଂଯୋଜକ ପ୍ରମିଳା ବେହେରା ଓ ଡ.ରାଜାରାମ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ ଥିଲେ। ଶିବିରରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ସାପ କାମୁଡା ଓ ବଜ୍ରପାତରୁ ନିଜକୁ କିପରି ରକ୍ଷା କରିପାରିବେ, କିପରି ବିପର୍ଯ୍ୟୟ ଆଗରୁ ଓ ପରେ ଏବଂ ବିପର୍ଯ୍ୟୟ ସମୟରେ କେଉଁ ସବୁ ସାବଧାନତା ଅବଲମ୍ବନ କରାଯିବ ଆଲୋଚନା କରାଯାଇଥିଲା। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜ କିଶୋର ପଧାନ ସଭାପତିତ୍ୱ କରିଥିଲେ। ଶେଷରେ ଶିକ୍ଷକ ଚୂଡାମଣି ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସହ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ଅଲ୍ ଓଡ଼ିଶା ହୀରାକୁଦ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ସମ୍ବଲପୁର, ୫।୨ (ସମିସ) :** ହୀରାକୁଦ ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଆଜି ହୀରାକୁଦ ସୁବାସ ମଇଦାନରେ ଏକ ଅଲ୍ ଓଡ଼ିଶା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀରେ କନ୍ଧମାଳ ଓ ରାଉରକେଲା ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ଦଳ ୧-୦ ଗୋଲ୍‌ରେ ରାଉରକେଲା ଦଳକୁ ପରାସ୍ତ କରିଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଯୁବନେତ୍ରୀ ଶୁଭଶ୍ରୀ ମିଶ୍ର ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ରେଫରି ଭାବେ 'ଫାଓ'ର ସଚ୍ଚିକାନ୍ତ ଦାସିଆ, ଜିତେନ୍ଦ୍ର ପାତ୍ର, ପରେଶ ଭୋଇ, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ତଥା ମ୍ୟାଚ କମିଶନର ଭାବେ ଅବିନାଶ କର ଦାୟିତ୍ୱ ତୁଲାଇଥିଲେ।

# ହୀରାକୁଦରେ ଷଣ୍ଢ ଉଦ୍ଧାର

**ସମ୍ବଲପୁର, ୫।୨ (ସମିସ) :** ଆଜି ହୀରାକୁଦ ଭିଏସଏସ କଲୋନୀ ଛକଠାରେ ଏକ ମାରଣା ଷଣ୍ଢକୁ ଉଦ୍ଧାର କରାଯାଇଛି। ଗତ ଦୁଇ ତିନି ଦିନ ହେବ ଏହା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଏହାର ଆକ୍ରମଣରେ ଆଖପାଖ ଅଞ୍ଚଳର ୭-୮ ଜଣ ଆହତ ହୋଇଥିଲେ। ଆଜି ଷଣ୍ଢଟି ଏକ ଡ୍ରେନରେ ପଡ଼ିଯିବା ପରେ ଅଗ୍ନିଶମ ବାହିନୀ, ପୋଲିସ ପ୍ରଶାସନ, ମହାନଗର ନିଗମ, ଆନିମଲ୍ ଆମ୍ବୁଲାନ୍ସ, ସ୍ଥାନୀୟ ପଶୁ ଚିକିତ୍ସକ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ମିଳିତ ସହଯୋଗରେ ଉଦ୍ଧାର କରାଯାଇଥିଲା। ଏହି ଉଦ୍ଧାର କାମ ସମାଜସେବୀ କାର୍ତ୍ତିକ କଲେତଙ୍କ ତତ୍ତ୍ୱାବଧାନରେ ତଥା ବିରୁପାକ୍ଷ ପଣ୍ଡା, ସୁନୀଲ ସେଠ, ସବିତା ପାଣି, ଅମିତ ରାଉତ, କିଶୋର ଗୌଡ଼, ଆନନ୍ଦ ରଣା, ଚକ୍ର ଅଶ୍ୱିନୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



# ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ସମ୍ବଲପୁରର ସଫଳତା




**ସମ୍ବଲପୁର, ୫।୨ (ସମିସ) :** ସାଓଲିନ କୁଂଫୁ ଉଷୁ ଆସୋସିଏସନ ଦ୍ୱାରା ପରିଚାଳିତ କୁସ୍ତି ସଂଘର ଛାତ୍ର ଛାତ୍ରୀ ମାନେ ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଛନ୍ତି। ଏଥିରେ ବୈଷ୍ଣବୀ ପଟ୍ଟନାୟକ, ଗୁନମିତି କୌର, ପ୍ରିତି ମର୍ଦ୍ଧା ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ହାସଲକରି ଜାତୀୟ କୁସ୍ତି ପ୍ରତିଯୋଗିତାକୁ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡ଼ିଛି। ଜାଫ୍ରିନ ଚୌଧୁରୀ ଏବଂ ଅବିନାଶ କୁମ୍ଭାର ରୌପ୍ୟ ପଦକ ହାସଲ କରିଛନ୍ତି। ଦଳ ସହିତ କୋଚ୍ ପୁଷ୍ପାଞ୍ଜଳି ସାହୁ, ସଞ୍ଜିବ ପଟ୍ଟନାୟକ, ଦଳ ସଞ୍ଚାଳକ କ୍ଷମାନିଧି ବାଦି, ଦେବେନ୍ଦ୍ର କୌର ବଲି ଯାଇ ଦାୟିତ୍ୱ ବହନ କରିଥିଲେ। ଆସୋସିଏସନର ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ଜଣାଇଛନ୍ତି ଯେ, ରାଜ୍ୟ କୁସ୍ତି ପ୍ରତିଯୋଗିତା ଦୁଇଦିନ ଧରି ଚାଲିଥିଲା ଏବଂ ଆଜି କଟକରୁ ସମ୍ବଲପୁର କୁସ୍ତି ଦଳ ଫେରିବେ। ଆସୋସିଏସନ ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ଡିଙ୍ଗର ମେହେର, ସ୍ୱାଗତ ଘଡ଼େଇ ପ୍ରମୁଖ ଦଳକୁ ସୁଦୃଢ କରିବାକୁ ଉଦ୍ୟମ କରିଥିଲେ।

# ୧୨ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହାୟତା ଦେଲା 'ଉତ୍ସର୍ଗ'

**ସମ୍ବଲପୁର, ୫ ।୨ (ସମିସ):** ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଉତ୍ସର୍ଗ' ପକ୍ଷରୁ ସ୍ମାଇଲ ଫାଉଣ୍ଡେସନ, ନୂଆଦିଲ୍ଲୀ ସହଯୋଗରେ ଗତ ଜାନୁଆରୀ ମାସରୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରକଳ୍ପ ଆରମ୍ଭ ହୋଇଛି। ଗତ ୨୦୨୫ ମସିହା ବର୍ଷକ ମଧ୍ୟରେ ୧୨ ଜଣ ଅଭାବୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ୩ ଲକ୍ଷ ୪ ହଜାର




ଦୁଇ ଶହ ଟଙ୍କା ଦିଆଯିବା ସହ ୨ ଜଣ ରୋଗୀଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକଳ୍ପ ସଂଯୋଜକ ପ୍ରିୟ ରଞ୍ଜନ ସାହୁ ପ୍ରକାଶ କରିଛନ୍ତି। 'ଉତ୍ସର୍ଗ'ର ଏକ କମିଟି ଆର୍ଥିକ ସ୍ୱଚ୍ଛଳ ନ ଥିବା, ଅର୍ଥାଭାବରୁ ପାଠ ଛାଡିବାକୁ ବାଧ୍ୟ ହେଉଥିବା ମେଧାବୀ ହାୟର ସେକେଣ୍ଡାରୀ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଚୟନ କରିଥାଏ। ସେହି ପ୍ରକ୍ରିୟାରେ ଅର୍ଥାଭାବ ଥିବା ରୋଗୀଙ୍କୁ ମଧ୍ୟ ବଛାଯାଏ। ଜାନୁଆରୀରୁ ଡିସେମ୍ବର ମଧ୍ୟରେ ସହାୟତା ଦିଆଯାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସରକାରୀ ମହିଳା ମହାବିଦ୍ୟାଳୟର ୧୦ଜଣ ଛାତ୍ରୀ ରହିଛନ୍ତି। ଏହାବ୍ୟତୀତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୨ ଜଣ ଓ ରେଣ୍ଡୋ ମାଝୀ ମେଡିକାଲ କଲେଜ, କଳାହାଣ୍ଡିର ଜଣେ ରହିଛନ୍ତି। ଉପରୋକ୍ତ ଆର୍ଥିକ ସହାୟତା ବ୍ୟତୀତ ଜିଲ୍ଲାର ସରକାରୀ ହାଇସ୍କୁଲରେ ଗତ ମାଟ୍ରିକ ପରୀକ୍ଷାରେ 'ଏ -୧' ଓ 'ଏ-୨' ଗ୍ରେଡ଼ ପାଇଥିବା ଯଥାକ୍ରମେ ୫ ଓ ୭୩ ଜଣଙ୍କୁ ୧ ଲକ୍ଷ ୪୧ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏ-୧ ଗ୍ରେଡ଼କୁ ୩ ହଜାର ଟଙ୍କା ଓ ଏ-୨ ଗ୍ରେଡ଼ ପାଇଥିବା ବିଦ୍ୟାର୍ଥୀଙ୍କୁ ୨ ହଜାର ଟଙ୍କାର ଚେକ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀ ଅବସରରେ ୧୯୭୫ରେ ଏମର୍ଜେନ୍ସି ସମୟରେ ଜେଲ ଯାଇଥିବା ବିଜୟ କେଡ଼ିଆ ତାଙ୍କ ବନ୍ଧୁ ସ୍ୱର୍ଗତ ଗୋପାଳ କେଡ଼ିଆଙ୍କ ସ୍ମୃତିରେ ପେନସନ ରାଶି ୩ ଲକ୍ଷ ଟଙ୍କା ଶିକ୍ଷା ଓ ସ୍ୱାସ୍ଥ୍ୟ ଦିଗରେ ବିନିଯୋଗ କରିବାକୁ 'ଉତ୍ସର୍ଗ'କୁ ପ୍ରଦାନ କରିଥିଲେ। ପ୍ରଫେସର ସ୍ୱର୍ଗତ ସୁଦର୍ଶନ ପୂଜାରୀଙ୍କ ଝିଅ ପିଙ୍କି ପୂଜାରୀ ଉତ୍ସର୍ଗକୁ ଅକ୍ସିଜେନ କନସେନଟ୍ରେଟର ଓ ସିଲିଣ୍ଡର ପ୍ରଦାନ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ 'ଉତ୍ସର୍ଗ'ର ସଂଯୋଜକ ପ୍ରଶାନ୍ତ ପାଟଯୋଶୀ, ସୁଧୀର ପୂଜାରୀ, ସଞ୍ଜୀବ ମିଶ୍ରଙ୍କ ସହ ବିଜୟ କେଡ଼ିଆ ମଞ୍ଚାସୀନ ଥିଲେ।

# ପ୍ରୋଗ୍ରେସିଭ୍ ସମ୍ବଲପୁରର ଜିଏମ୍‌ୟୁ କ୍ୟାମ୍ପସ କମିଟି ଘୋଷିତ

ସମ୍ବଲପୁର, ୫।୨ (ସମିସ)

ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆଜି ଏକ ବୈଠକରେ ପ୍ରୋଗ୍ରେସିଭ ଜିଏମୟୁ କ୍ୟାମ୍ପସ କମିଟି ଘୋଷଣା କରାଯାଇଛି। ଉଭୟ +୩ ଓ +୨ ବିଭାଗ ପାଇଁ ସଭାପତି ସମେତ ଦଶଟି କାର୍ଯ୍ୟକାରୀ ପଦାଧିକାରୀଙ୍କ ନାମ ଘୋଷଣା କରାଯିବାସହ ନବନିଯୁକ୍ତ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରୋଗ୍ରେସିଭ ଜିଏମୟୁର ସହଆବାହକ ଚୁମନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବହୁସଂଖ୍ୟାରେ ଜିଏମୟୁର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରୋଗ୍ରେସିଭ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତି ନବନିଯୁକ୍ତ କାର୍ଯ୍ୟକାରୀ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣେଇବାସହ ସଂଗଠନକୁ ଛାତ୍ରହିତୈଷୀ ଓ ସକ୍ରିୟ ଭାବେ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ହିତ, ସୁରକ୍ଷା ଓ ସୃଜନଶୀଳ କାର୍ଯ୍ୟକଳାପକୁ ଆଗେଇ ନେବାକୁ ସଂକଳ୍ପବଦ୍ଧ ରହିବା ନିଷ୍ପତ୍ତି ନିଆଯାଇଥିଲା। ଘୋଷିତ କମିଟି ଅନୁଯାୟୀ +୩ କମିଟିର ସଭାପତି ଭାବେ ଅଂଶୁମାନ ସାହୁ ଓ କାର୍ଯ୍ୟକାରୀ ସଭାପତି ଭାବେ ପ୍ରିୟାଂଶୁ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ଉପସଭାପତି ଭାବେ ସତ୍ୟମ ପୂଜାରୀ ଓ କିସମତ ପାଣ୍ଡେ, ସାଧାରଣ ସମ୍ପାଦକ ଭାବେ ଶିବୁପ୍ରସାଦ ଦୀପ, ଅମିୟ ବାରିକ ଓ ମୋନାଲିସା ନାହାକ, ସହକାରୀ ସାଧାରଣ ସମ୍ପାଦକ ଭାବେ ସୁବ୍ରତ ମିରିଗ, ପ୍ରତୀକ ବେହେରା ଓ ଆଦର୍ଶ କୁମାର ବାଗଙ୍କୁ ନିଯୁକ୍ତ କରାଯାଇଥିବାବେଳେ ଆଇଟି ସମନ୍ୱୟକ ଭାବେ ଆଶିଷ ମେହେରଙ୍କୁ ଚୟନ କରାଯାଇଛି। ସେହିପରି +୨ କମିଟିର ସଭାପତି ଭାବେ ଶିବୁ ସେଠ, କାର୍ଯ୍ୟକାରୀ ସଭାପତି ଭାବେ ତ୍ରିଲୋଚନ ମହାଣ୍ତା ଓ ହର୍ଷ ବର୍ଦ୍ଧନ ଜୈନ, ଉପସଭାପତି ଭାବେ ଆୟୁଷ ମାଝି ଓ ରାହୁଲ ଭୋଇ, ସାଧାରଣ ସମ୍ପାଦକ ଭାବେ ସମୀର ପ୍ରଧାନ, ସଂଗ୍ରାମ ସିଂହ ଓ ସୁବ୍ରତ ରୋହିଦାସ, ସହାୟକ ସାଧାରଣ ସମ୍ପାଦକ ଭାବେ ସ୍ୱତିକ ସାହୁ, ଆଶିଷ ହାତୀ ଓ ସୁପ୍ରୀତ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଛାତ୍ରୀମାନଙ୍କ ସମନ୍ୱୟକ ଭାବେ ତପସ୍ୟା ବେହେରା ଓ କୁସୁମ ଛତ୍ରପତି, ସୋସିଆଲ ମିଡିଆ ଉପଦେଷ୍ଟା ଭାବେ ରିତିକ ରଞ୍ଜନ ଖେଟିଙ୍କୁ ନିଯୁକ୍ତ କରାଯାଇଛି। କାର୍ଯ୍ୟକ୍ରମରେ ଆବାହକ ସଞ୍ଜିତ ମହାନ୍ତି, ସହଆବାହକ ମିଳନ ହୋତା, ସହଆବାହକ ଦେବଜ୍ୟୋତି ପଟ୍ଟନାୟକ, ଆର୍ଯ୍ୟନ ବହିଦାର, ଶୁଭମ ସାହୁ, ପ୍ରଭାତ ସାହୁ, ଗୌରବ ମହାପାତ୍ର, ମିନୁ ଜୟପୁରିଆ, ତନୁଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ
THE SAKALA



# ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ଝାରସୁଗୁଡ଼ା, ୫ ।୨(ସମିସ)

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ କୁକୁରିକାନି ନିକଟରେ ଜଣେ ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଦୁର୍ବୃତ୍ତ ଫିଙ୍ଗିଦେଇଥିବା ନେଇ ଅଭିଯୋଗ ହୋଇଛି । ପ୍ରାୟ ୪ ଦିନ ପରେ ପୁଲିସ ପକ୍ଷରୁ ମୃତଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ ରାମପୁର ଅଞ୍ଚଳର ସାହିଲ ସହିସ ବୋଲି ଜଣାପଡ଼ିଛି । ଦୁର୍ବୃତ୍ତମାନେ ଗୋଡ଼ ହାତ ବାନ୍ଧି ମାରିଦେଇଥିବାବେଳେ ପଲିଥିନରେ ଢ଼ାଙ୍କି ଜଙ୍ଗଲ ଭିତରେ ଫିଙ୍ଗିଦେଇଥିବା ନେଇ ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସମେତ ପୁଲିସ ଟିମ୍ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ।



ସୂଚନା ଅନୁଯାୟୀ ସାହିଲ ସହିସ ଗତ ୧ ତାରିଖରୁ ନିଖୋଜ ହୋଇଥିଲେ । କୁକୁରିକାନି ନିକଟ ଜଙ୍ଗଲ ମଧ୍ୟରେ ଏକ ମୃତଦେହ ପଲିଥିନରେ ଗୋଡ଼ା ହୋଇଥିବା ନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ଖବରପାଇ ଗୁରୁବାର ସକାଳୁ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଏହାସହ ଏହି ଘଟଣାରେ ପୁଲିସ କିଛି ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ନେଇ ଜଣାପଡ଼ିଛି । ଏକମାତ୍ର ପୁଅକୁ ହରାଇବା ପରେ ମା' ପୂର୍ଣ୍ଣିମା ସହିସ ଏବଂ ବାପା ସତ୍ୟନାରାୟଣ ସହିସ ଭାଙ୍ଗି ପଡ଼ିଛନ୍ତି । ଏହା ସହିତ ହତ୍ୟାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରିବାର ଲୋକେ ଅନୁରୋଧ କରିଛନ୍ତି । ମୃତଦେହ ଉଦ୍ଧାର ଘଟଣାରେ ତିନି ଜଣକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବାନେଇ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି ।

# ବିଶ୍ୱ କର୍କଟ ଦିବସ ପାଳିତ



**ଝାରସୁଗୁଡ଼ା, ୫ ।୨(ସମିସ):** ଝାରସୁଗୁଡ଼ାର ପ୍ରମୁଖ ସାମାଜିକ ଅନୁଷ୍ଠାନ ଇଜେଭି ଫାଉଣ୍ଡେସନ ପକ୍ଷରୁ ବାଗଚି ଶ୍ରୀଶଙ୍କର କ୍ୟାନସର ସେଣ୍ଟର ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଭୁବନେଶ୍ୱରର ମିଳିତ ସହଯୋଗରେ ଝାରସୁଗୁଡା ମହିଳା ମହାବିଦ୍ୟାଳୟଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏହି ସଚେତନତା ଶିବିର ବାଗଚି କ୍ୟାନ୍ସର ହସ୍ପିଟାଲ ବିଶେଷଜ୍ଞ ଡାକ୍ତର ତ୍ରିବିକ୍ରମ ପଣ୍ଡା ବିସ୍ତୃତ ଭାବେ ରୋଗର ଲକ୍ଷଣ ଓ ନିରାକରଣ ବିଷୟରେ ବୁଝାଇଥିଲେ । ଏହି ଅବସରରେ ଡା ବବିତା ରମଣୀ ଯୋଗ ଦେଇ ମହିଳାମାନଙ୍କ କର୍କଟ ରୋଗ ଓ ତାହାର ଲକ୍ଷଣ ଓ ନିରାକରଣ ବାବଦରେ ବୁଝାଇଥିଲେ । ଆୟୁଷ ଡା ଦିବେନ୍ଦୁ ସାହୁ ପରିବେଶ ଓ ଆସନ୍ତୁଳିତ ଖାଦ୍ୟପେୟ ଦ୍ୱାରା କିଭଳି ଏହି ରୋଗ ହୁଏ ଏହି ବାବଦରେ ବୁଝାଇ ଥିଲେ । ମହିଳା ମହାବିଦ୍ୟାଳୟର ଅଧକ୍ଷା ରେଣୁକା ପୂଜାରୀ ମହିଳା ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ସଭାନେତ୍ରୀ ମାନସୀ ପଣ୍ଡା ସ୍ୱାଗତଭାଷଣରେ ଝାରସୁଗୁଡା ର ପରିବେଶ ପ୍ରତି ଚିନ୍ତା ପ୍ରକଟ କରିଥିଲେ । ଏହି ଅବସରରେ ଦୁଇଥର କର୍କଟ ରୋଗ ସହିତ ଲଢ଼ି ଆରୋଗ୍ୟ ହୋଇଥିବା ଇଜେଭିର ବରିଷ୍ଠ ସଦସ୍ୟା ଜ୍ୟୋତିର୍ମୟୀ ବେହେରାଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା । ସେ ମଧ୍ୟ ନିଜର ଭାବ ପ୍ରବଣତା ପ୍ରକାଶ କରିଥିଲେ । ଡା. ମୀନା ସୋନି ମଞ୍ଚ ସଞ୍ଚାଳନା କରିଥିବା ବେଳେ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ରାଜେଶ ପାଢ଼ୀ ଆଗାମୀ ଦିନରେ ଏକ ଅଙ୍ଗଦାନ ଶିବିର ସଂସ୍ଥା ପକ୍ଷରୁ ଆୟୋଜନ କରାଯିବ ବୋଲି ଘୋଷଣା କରିଥିଲେ । ଇ ଜେଭି କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଦୁଇ ଜଣ ନୂତନ ସଦସ୍ୟା ଶୋଭାନା ମହାପାତ୍ର ଓ ଅନିତା ଷଣ୍ଢ ସଦସ୍ୟତା ଗ୍ରହଣ କରିଥିଲେ । ଇଜେଭିର ପୁନମ ପଟେଲ, ପ୍ରିୟା ରାୟ, ମିତୁ ପଣ୍ଡା, ହେମଲତା ମେହେର, ବିନ୍ଦିୟା ନାୟକ, ଲୋକନ ଦେବତା, ଗଙ୍ଗାଧର ମେହେର, ଶୁଭମ ଉପାଧ୍ୟାୟ ପ୍ରମୁଖ ପରିଚାଳନା କରିଥିଲେ ।

# ଦୁଇ ଯାଯାବରଙ୍କ ମଧ୍ୟରେ ଛୁରାମାଡ଼; ଜଣେ ମୃତ

**ଝାରସୁଗୁଡ଼ା, ୫ ।୨ (ସମିସ):** ଝାରସୁଗୁଡା ରେଳଷ୍ଟେସନରେ ବାହାର ରାଜ୍ୟରୁ ଆସି ରହୁଥିବା ଦୁଇ ଯାଯାବରଙ୍କ ମଧ୍ୟରେ ବୁଧବାର ରାତି ପ୍ରାୟ ୮ଟା ସମୟରେ ସଂଘର୍ଷ ହୋଇଥିଲା । ଏହି ସଂଘର୍ଷ ଉଗ୍ରରୂପ ଧାରଣ କରି ଛୁରାମାଡ଼ ପର୍ଯ୍ୟନ୍ତ କଥା ଯାଇଥିଲା । ଛୁରାମାଡ଼ରେ କୁମୋଦିନି ନାଇକ (୫୧) ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣଙ୍କର ଅବସ୍ଥା ସଂକଟାପର୍ଣ୍ଣ ରହିଥିବା ସୂଚନା ମିଳିଛି । ଝାରସୁଗୁଡା ପୁଲିସ ଓ ରେଲୱେ ପୁଲିସ ଘଟଣାର ତଦନ୍ତ କରୁଥିବାବେଳେ ଉଭୟ ମୃତ ଓ ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସିଡ଼ିଏମଓ ତୁରନ୍ତ ଚିକିତ୍ସା ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ପୁଲିସ ଟିମ ସହିତ ଘଟଣାସ୍ଥଳ ଓ ମୁଖ୍ୟ ଚିକିତ୍ସାଳୟକୁ ଯାଇ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି ।

# ଜଙ୍ଗଲ ଜମି ଅଧିକାର ନେଇ ଜିଲ୍ଲାପାଳଙ୍କୁ ବିଧାୟକଙ୍କ ଚିଠି

**ଝାରସୁଗୁଡ଼ା, ୫ ।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଶ୍ରିପୁରା ଠାରେ ଥିବା ଏପିସୀଲନ କମ୍ପାନୀ ପୁଣି ଏକ ଜଙ୍ଗଲ ଜମି ଅଧିକାର କରିଥିବା ନେଇ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ସମ୍ବଲପୁର ଜିଲ୍ଲାପାଳଙ୍କୁ ଗୁରୁବାର ଚିଠି ଲେଖିଛନ୍ତି । ଶ୍ରିପୁରା ଠାରେ ଥିବା ଏପିସୀଲନ କମ୍ପାନୀ ଜଙ୍ଗଲ ଜମି ଅଧିକାର କରିଥିବା ନେଇ ଶ୍ରିପୁରା ଗ୍ରାମବାସୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହିତ କିଛି ଦିନ ହେବ ଉକ୍ତ ଜଙ୍ଗଲ ଜମିକୁ ନିଜେ ମୁକ୍ତି କରି ଲୋକ କଲ୍ୟାଣ କାର୍ଯ୍ୟରେ ଲଗାଇଥିବାବେଳେ କମ୍ପାନୀ ପୁଣି ଠେଲକୋଲେଇ ମୌଜାର ଖାତା ନମ୍ବର ୨୧୫, ପ୍ଲଟ ନମ୍ବର ୨୯୪୨, ଏରିଆ ପାଖାପାଖି ୭ ଏକର ଜଙ୍ଗଲ ଜମି କୁ ବେଆଇନ ରାସ୍ତା ଭାବରେ ବ୍ୟବହାର କରୁଛି । ଏହି ଜଙ୍ଗଲ ଜମି ବ୍ୟବହାର ପାଇଁ କମ୍ପାନୀ ଜିଲ୍ଲା ପ୍ରଶାସନଠାରୁ ନେଇନଥିବା ଅଭିଯୋଗ ହୋଇଛି । ଏହା ସହିତ ଉକ୍ତ ଜଙ୍ଗଲ ଜମିରେ ଥିବା ବହୁ ସଂଖ୍ୟାରେ ମୂଲ୍ୟବାନ ଗଛ ଗୁଡିକୁ କମ୍ପାନୀ ନଷ୍ଟ କରି ସାରିଛି । ଏହି ଘଟଣାର ସରାଜମିନ ତଦନ୍ତ ସହିତ ଜଙ୍ଗଲ ଜମିର ସୁରକ୍ଷା, ଜଙ୍ଗଲ ସଂରକ୍ଷଣକୁ ପ୍ରାଧାନ୍ୟ ଦେବା ସହିତ କମ୍ପାନୀ କବଳରୁ ଜଙ୍ଗଲ ଜମିକୁ ମୁକ୍ତ କରି କମ୍ପାନୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ବଲପୁର ଜିଲ୍ଲାପାଳଙ୍କୁ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ଚିଠି ଲେଖିଛନ୍ତି ।

# ଗୌନ୍ତିଆ ସୁରେନ୍ଦ୍ର କୁମାର ସାହୁଙ୍କ ପରଲୋକ

**ବରଗଡ଼, ୫ ।୨(ସମିସ):** ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମର ଗୌନ୍ତିଆ, ବିଶିଷ୍ଟ ନାଟ୍ୟ କଳାକାର ନାଟ୍ୟ ଗୁରୁ ସୁରେନ୍ଦ୍ର କୁମାର ସାହୁ ୫୨ ବର୍ଷ ବୟସରେ ବୁଧବାର ପରଲୋକ ହୋଇଯାଇଛି । ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ରଙ୍ଗସଭାରେ ମଧ୍ୟ ରାଜା ଭୂମିକାରେ ଅଭିନୟ କରିଥିଲେ । ବିଭିନ୍ନ ମଞ୍ଚରେ ରାବଣ ଓ ଜଳନ୍ଧର ଭୂମିକାରେ କଳା ପ୍ରଦର୍ଶନ କରି ଆସୁଥିଲେ । ମେଲଛାମୁଣ୍ଡା ହାଇସ୍କୁଲ ରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ । ତାଙ୍କ ଦେହାନ୍ତ ହେବା ଖବର ପାଇ ସହପାଠୀଙ୍କ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। । ବିଶିଷ୍ଟ ସମାଜସେବୀ ଦିବାକର ମାଝି, ପ୍ରଶାନ୍ତ ସାହୁ, 'ସକାଳ'ର ଜିଲ୍ଲା ପ୍ରତିନିଧି ସରୋଜ କୁମାର ଷଡଙ୍ଗୀ, ପ୍ରଶାନ୍ତ କୁମାର ଦେବତା, ସଞ୍ଜୟ ମେହେର, ପବିତ୍ର ବାରିକ, ପ୍ରତ୍ୟୁଷ ରଞ୍ଜନ ଭୋଇ, ସଞ୍ଜୀବ ସାହୁ ଅମୀୟ ଆଚାର୍ଯ୍ୟ, ରୁଦ୍ରମଣି ଦେବତା, ମୁରାରୀ ଲାଲ ଜୈନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥି, ଗୋପାଳ କୃଷ୍ଣ ଦାଶ, ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ଥାନୀୟ ଜିରାନଦୀ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ଏକ ମାତ୍ର ଝିଅ ସ୍ନେହା ସାହୁ ମୁଖାଗ୍ନି ଦେଇଥିଲେ ।



# ଚତୁର୍ଦ୍ଦଶ ମହାଯଜ୍ଞ ପ୍ରସ୍ତୁତି ସଭା; କଳସ ଯାତ୍ରୀ ଯିବେ ଆଣ୍ଡାମାନ



**ଝାରସୁଗୁଡ଼ା, ୫ ।୨(ସମିସ):** ରାଧାକୃଷ୍ଣ ଉନ୍ନୟନ ପରିଷଦର ଉଦ୍ୟମରେ ଚତୁର୍ଦ୍ଦଶ ନାମ ସଂକୀର୍ତ୍ତନ, ଦୀପ କଳସ ମହାଯଜ୍ଞର ପ୍ରସ୍ତୁତି ସଭା ଖଲିଆକାନୀ ଗ୍ରାମର ମହାଯଜ୍ଞ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ମହାଯଜ୍ଞ ଏପ୍ରିଲ ମାସର ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ ହେବାପାଇଁ ସ୍ଥିର ହୋଇଛି । ଏହି ଅବସରରେ କଳସ ଯାତ୍ରୀମାନେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ପୋର୍ଟ ବ୍ଲେୟର, ହେଭଲକ ଓ ନିଲ ଆଇଲେଣ୍ଡ ସହିତ କୋଲକାତା ନଗରୀର ମହାକାଳୀ ମନ୍ଦିର, ଭିକ୍ଟୋରିଆ, ବେଲୁର ମଠ ଆଦି ଦର୍ଶନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିପାଇଁ ବର୍ତ୍ତମାନ ସୁଦ୍ଧା ୫୦ ଜଣ କଳସ ଯାତ୍ରୀ ସହମତି ପ୍ରକାଶ କରିଛନ୍ତି । ସେମାନେ ଏପ୍ରିଲ ୮ ତାରିଖ ସନ୍ଧ୍ୟାରେ କୋଲକାତା ଓ ୧୦ ତାରିଖ ଦିନ ସକାଳେ ଆଣ୍ଡାମାନ ଦ୍ୱୀପପୁଞ୍ଜର ପୋର୍ଟ ବ୍ଲେୟର ଠାରେ ପହଞ୍ଚିବେ । ଆଣ୍ଡାମାନ ଭ୍ରମଣ ପରେ ୧୫ ତାରିଖ ଦିନ ଉଡ଼ାଜାହାଜରେ କୋଲକାତା ପହଞ୍ଚି ସେଠାରୁ ରେଳ ଯୋଗେ ଝାରସୁଗୁଡ଼ା ଷ୍ଟେସନରେ ଓହ୍ଲାଇ ଗଣ୍ଡଘୋରା ମାଁ ମୂଳଗୁଡ଼ିଙ୍କ ଠାରେ ପୂଜା ଅର୍ଚ୍ଚନା ପରେ ଭକ୍ତମାନେ ଚାଲି ଚାଲି ଆସି ବଢ଼େଇକଣ୍ଟା, ନୂଆଁଡିହି, ଗାନ୍ଧୀଛକ ଦେଇ ଖଲିଆକାନୀ ପର୍ଯ୍ୟନ୍ତ ଆସି ମହାଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିବେ । ୧୭ ତାରିଖ ଦିନ ସନ୍ଧ୍ୟାରେ ନାମ ସଂକୀର୍ତ୍ତନର ଶୁଭ ଅଧିବାସ ହେବ ଓ ନାମ ଉଚ୍ଚାରଣ କରି ନଗର ପରିକ୍ରମା, ହଳଦୀ କୀର୍ତ୍ତନ ଆଦି ମହାଯଜ୍ଞର ମୁଖ୍ୟ ଆକର୍ଷକ ରହିଛି । ଆଗ୍ରହୀ ଭକ୍ତମାନେ କଳସ ଯାତ୍ରାରେ ସାମିଲ ହେବା ପାଇଁ ପରିଷଦର ସଭ୍ୟ ଜୟନାରାୟଣ ପ୍ରଧାନ (୯୮୬୧୨୨୨୫୦୧) ଙ୍କ ସହିତ ଯୋଗାଯୋଗ କରି ପାରିବେ । ଏହି ସଭାରେ ପରିଷଦର ମୁଖ୍ୟ ସଂଯୋଜକ ମହେନ୍ଦ୍ର ନାଏକ, ପୂର୍ବତନ ସଭାପତି ଚୈତନ୍ୟ ପ୍ରଧାନଙ୍କ ସହିତ ରାସବିହାରୀ ପ୍ରଧାନ, ପର୍ଶୁରାମ ସା, ହରିହର ଦାଶ, ଭୋଦେବ ବିଶି, ସିତାରାମ ପ୍ରଧାନ, ସୁଧାକର ବଶ୍ୱାଳ, ଧରଣୀଧର ପ୍ରଧାନ, ସୁରେନ୍ଦ୍ର ବଡେଇ, ଡିଲେଶ୍ୱର ବିଶି, ନୀଳମଣି ଖମାରୀ, ଚୂଡ଼ାମଣି ବିଶି, ଅଚ୍ୟୁତା ସା, ଗୋକୁଲା ରଣା, ସଂସାର ଭୋଇ ଓ ଗଙ୍ଗାଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଡିଜିଟାଲ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୫ ।୨(ସମିସ):** ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର ଓ ଓଡ଼ିଶା ନଲେଜ କର୍ପୋରେସନ୍ ଲିମିଟେଡର ମିଳିତ ଆନୁକୂଲ୍ୟରେ ବେଲପାହାଡ଼ ସ୍ଥିତ ପି ଏମ ଶ୍ରୀ ଗିରଧରଲାଲ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ନେଇ ଡିଜିଟାଲ ସାକ୍ଷରତା ଉପରେ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏ ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଲଖନପୁର ଗୋଷ୍ଠୀ ଶିକ୍ଷାଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ଓ ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର ଭୋଇ, ଡି.ଏଲ.ସି. ବସନ୍ତ ସାହୁ, ସୌମ୍ୟବ୍ରତ ମିଶ୍ର ଓ ପ୍ରଦୀପ ପ୍ରଧାନ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଦୀପ ନାୟକ ମଞ୍ଚ ସଞ୍ଚାଳନ କରିଥିବା ବେଳେ ମହେଶ ଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ବିଦ୍ୟାଳୟର ନବମ ଶ୍ରେଣୀର ଏକଶହ କୋଡ଼ିଏ ଜଣ ଛାତ୍ରଛାତ୍ରୀମାନଙ୍କୁ ଆଇ.ଓ.ଟି. ରୋବୋଟିକ୍ସ, ସାଇବର ସୁରକ୍ଷା, କୃତ୍ରିମ ବୁଦ୍ଧିମତା ଆଦି ବିଷୟରେ ତାଲିମ ପ୍ରଦାନ କରାଯିବା ସହିତ ସମସ୍ତଙ୍କୁ ତାଲିମ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।



# ସହିଦ ମାଧୋ ସିଂହ ଓ ଘେଁସ ବିଦ୍ରୋହକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପାଇଁ ଦାବି

**ବରଗଡ଼, ୫ ।୨(ସମିସ):** ବରଗଡ଼ ଜିଲ୍ଲା ଘେଁସର ଜମିଦାର ସହିଦ ମାଧୋ ସିଂହ ଓ ତାଙ୍କ ସହିଦ ପରିବାରଙ୍କୁ ରାଷ୍ଟ୍ରୀୟ ସମ୍ମାନ ସହ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଅବଦାନ ଉପରେ ଗବେଷଣା ଲାଗି ଲୋକସଭାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଦାବି କରିଛନ୍ତି । ଇଂରେଜ ସରକାରକୁ ବାର୍ଷିକ ମାତ୍ର ୩୫୬ ଟଙ୍କା ରାଜସ୍ୱ ଦେଇ ଜମିଦାରୀ ବଞ୍ଚାଇ ସହିଦ ମାଧୋ ସିଂହ ଏହାର ବିରୋଧ କରିଥିଲେ । ୭୧ ବର୍ଷ ବୟସରେ ସେ ଇଂରେଜ ସରକାର ବିରୋଧରେ ସଶସ୍ତ୍ର ବିଦ୍ରୋହରେ ସାମିଲ ହୋଇଥିଲେ । ତାଙ୍କ ସହ ତାଙ୍କର ଚାରିପୁଅ ସାତେ, କୁଞ୍ଜଲ, ବୈରୀ ଓ ଐରୀ ମଧ୍ୟ ଲଢ଼େଇରେ ସାମିଲ ହୋଇଥିଲେ । ୧୯ ଜାନୁଆରୀ ୧୮୫୮ ପର୍ଯ୍ୟନ୍ତ ମାଧୋ ସିଂହ ସିଙ୍ଘୋଡଘାଟି ସମେତ ଅନେକ ସ୍ଥାନରେ ଇଂରେଜ୍ ମୁକାବିଲା କରିଥିଲେ । ୩୧ ଡିସେମ୍ବର ୧୮୫୮ରେ ଗୋରା ସରକାର ସମ୍ବଲପୁରରେ ତାଙ୍କୁ ଫାଶୀ ଦେଇଥିଲା । ଏହାପରେ ତାଙ୍କ ଚାରି ବୀରପୁତ୍ର ୧୮୬୪ ପର୍ଯ୍ୟନ୍ତ ଇଂରେଜ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ । ହାତେଙ୍କୁ କଳାପାଣି ସଜା ଦିଆଯାଇଥିବା ବେଳେ କୁଞ୍ଜଲଙ୍କୁ ଇଂରେଜ ସରକାର ଫାଶୀ ଦେଇଥିଲା । ସେହିପରି ବୈରୀଙ୍କୁ ଆଜୀବନ କାରାଦଣ୍ଡ ଓ ଐରୀଙ୍କୁ ଅମାନୁଷିକ ହତ୍ୟା କରାଯାଇଥିଲା । ଏହି ବୀର ପିତାପୁତ୍ରଙ୍କ ଦୁର୍ଲଭ ବଳିଦାନକୁ ସମ୍ମାନ ଜଣାଇ ଘେଁସ ବିଦ୍ରୋହ ଉପରେ ପ୍ରାମାଣିକ ଗବେଷଣା ସହ ରାଷ୍ଟ୍ରୀୟ ସ୍ମାରକୀ ପ୍ରତିଷ୍ଠା କରାଯିବାକୁ ସାଂସଦ ଶ୍ରୀ ପୁରୋହିତ ଦାବି କରିଛନ୍ତି । ସେହିପରି ତାଙ୍କ ନାମରେ ଜାତୀୟ ଯୋଜନାର ନାମକରଣ ଓ ରାଷ୍ଟ୍ରୀୟ ସଂସ୍ଥାନର ନାମକରଣ କରାଯିବାକୁ ଶ୍ରୀ ପୁରୋହିତ ଲୋକସଭାରେ ଦାବି କରିଛନ୍ତି ।



# ରାଣୀ ଲକ୍ଷ୍ମୀ ବାଇ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ବରଗଡ଼, ୫ ।୨(ସମିସ):** ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ପାଇଁ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ଶିବିର ଶୁଭାରମ୍ଭ ହୋଇଯାଇଛି । ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ.ଡୋଳାମଣି ଶତପଥୀ, ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର ବାଗ, ସୁଦର୍ଶନ ବାରିକ ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ନେଲା ପରେ ଛାତ୍ରୀମାନେ ନିଜକୁ ନିଶ୍ଚିତ ସୁରକ୍ଷିତ ଅନୁଭବ କରି ପାରିବେ ବୋଲି କହିଛନ୍ତି ।ଶିବିର ରେ ପାୟଲ ଶର୍ମା ପ୍ରଶିକ୍ଷିକା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ପ୍ରତି ଦିନ ଅପରାହ୍ନ ୩ରୁ ୪ଟାରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ସୂଚନା ପ୍ରଦାନ କରାଯାଇଛି ।

# ପଦ୍ମପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି



**ପଦ୍ମପୁର, ୫ ।୨(ସମିସ):** ସ୍ଥାନୀୟ ପୁରୋହିତ କଲ୍ୟାଣ ମଣ୍ଡପରେ ପଦ୍ମପୁର ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ହେବାକୁ ଥିବା ପଦ୍ମପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୬ ଆୟୋଜନ ପାଇଁ ପ୍ରତାପ ମିଶ୍ରଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।କୁଚିଣ୍ଡା ବ୍ରଦର୍ସ ଫୁଟବଲ କ୍ଲବ, ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣୀ, ଝାଡେଶ୍ୱରୀ କ୍ଲବ୍, ଝାରସୁଗୁଡା, ରାୟପୁର ଇଉ ଏଫସି ଆଫ୍ରିକା, ସଲୋନୀ ଏକାଡେମୀ ସାରଙ୍ଗଗଡ଼, ସମଲେଶ୍ୱରୀ ଏକାଡେମୀ ସମ୍ବଲପୁର, ଜଳଦା ଫୁଟବଲ ଟିମ୍ ରାଉରକେଲା ମୋଟ ୮ଟି ଦଳ ଅଂଶଗ୍ରହଣ କରିବା ସୂଚନା ରହିଛି । ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ସଚ୍ଚିଦାନନ୍ଦ ବହିଦାର, ସମ୍ପାଦକ ଚିନ୍ମୟ କୁମାର ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ମାଝୀ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ଼ଃ ନାରାୟଣ ପୁରୋହିତ, ସରୋଜ ମିଶ୍ର, ଅଶୋକ କାଲସାଏ, ନରେନ୍ଦ୍ର ସାହୁ ନିରୋଜ ସିହ୍ନା, ପପୁ ନାଏକ, ଅଭିମନ୍ୟୁ ପୃଷ୍ଟି, ସୁନୀଲ ବାରିକ, ପ୍ରଦୀପ ଜାଲ, ପ୍ରଦୀପ ପାତ୍ର, ଶିରୀଶ ସାହୁ, ନରେଶ ବାରିକ, ରାଜେଶ ପଟ୍ଟନାୟକ, ନରୋତ୍ତମ ପ୍ରଧାନ, ଜୟପାଳ ଭୋଇ ଉପସ୍ଥିତ ଥିଲେ । ଶେଷରେ ଡ.ନାରାୟଣ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାତିକରପଲ୍ଲୀ ସ୍କୁଲରେ ସାଂସ୍କୃତିକ କଳା ମଣ୍ଡପ ଉଦ୍‌ଘାଟିତ

**ବରଗଡ଼, ୫ ।୨(ସମିସ):** ବରଗଡ଼ ବ୍ଲକ ବରଗାଁ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାତିକରପଲ୍ଲୀ ରେ ନବ ନିର୍ମିତ ସାଂସ୍କୃତିକ କଳା ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଆଦାନୀ ଫାଉଣ୍ଡେସନର ପ୍ଲାଣ୍ଟ ମ୍ୟାନେଜର ସୁକାନ୍ତ ସାମନ୍ତ, ସମ୍ମାନିତ ଅତିଥି ଭାବେ ଅତାବ ଅଲ୍ଲୀ ମଣ୍ଡଳ, ସିଏସଆର୍ ହେଡ୍ ପ୍ରଦୀପ୍ତ କୁମାର ମହାନ୍ତି ଯୋଗଦେଇ କଳା ମଣ୍ଡପର ଉଦ୍‌ଘାଟନ କରିଥିଲେ । ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିବୁଧେନ୍ଦୁ ମହାନନ୍ଦ ଅଧ୍ୟକ୍ଷତା ଆୟୋଜିତ ବୈଠକରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା । ସ୍କୁଲରଏସଏମ୍‌ସି ଚେୟାରମ୍ୟାନ ଓ ଅନ୍ୟାନ୍ୟ ସଭ୍ୟ ସଭ୍ୟା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ନବ ନିର୍ମିତ କଳାମଣ୍ଡପ ହେବା ଦ୍ୱାରା ସ୍କୁଲର ଛାତ୍ରଛାତ୍ରୀ ନିଜର କଳା ପ୍ରଦର୍ଶନ କରିପାରିବେ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ଅତିଥିମାନେ କହିଛନ୍ତି । ସ୍କୁଲରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ଥିବା ବେଳେ ଶ୍ରେଣୀ ଗୃହ ନଥିବାରୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବୈଠକରେ ଆଲୋଚନା ହୋଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଧ୍ୟାନ ଆକର୍ଷଣ ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା । ଶେଷରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିବୁଧେନ୍ଦୁ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ପଢୁଥିବା ସ୍କୁଲରେ ଡିଇଓଙ୍କୁ ସମ୍ବର୍ଦ୍ଧନା



**ବରଗଡ଼, ୫ ।୨(ସମିସ):** ଖଜୁରଟିକ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖଜୁରଟିକ୍ରା ପଡ଼ାବାସୀ ଓ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟର ପୂର୍ବତନ ଛାତ୍ର ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଡିଇଓ ଶ୍ରୀ ସାହୁ ଏହି ବିଦ୍ୟାଳୟରେ ନିଜର ପ୍ରାଥମିକ ଶିକ୍ଷା ଲାଭ କରିଥିବା ବେଳେ ନିଜର ଉଦ୍ୟମ ଚେଷ୍ଟାରେ ପ୍ରଧାନଶିକ୍ଷକରୁ ଜିଲ୍ଲା ଶିକ୍ଷା ଅଧିକାରୀ ହୋଇଛନ୍ତି । ପଡ଼ାବାସୀଙ୍କ ପକ୍ଷରୁ ପୌର ଅଧକ୍ଷା କଳ୍ପନା ମାଝୀ, ସୁରେଶ କୁମାର ଗନ୍ତାୟତ, ଶଙ୍କର ପଟ୍ଟନାୟକ, ଗୋପାଳ କୃଷ୍ଣ ଦାଶ, ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାଶ, ରାମଚନ୍ଦ୍ର ସାହୁ, ସମାଜସେବୀ ନିମାଇଁ ଚରଣ ମହାପାତ୍ର, ବାବଲୁ ଠାକୁର, ଲକ୍ଷ୍ମଣ ପାତ୍ର, ରାଜେନ୍ଦ୍ର ଟିଂଦ୍ରା, ପ୍ରଶାନ୍ତ ଭୋଇ, ରେବତୀ କାନ୍ତ ଛତ୍ର, ଚିନ୍ତାମଣି ପରିଡ଼ା, ଅସୀମ ଦାସ, ଦୁର୍ଯୋଧନ ପରିଡ଼ା, ସିଆର୍‌ସିସି ରେବତୀ ରାଉତ, ପ୍ରଧାନଶିକ୍ଷୟିତ୍ରୀ ସୁଭାଷିନୀ ସୁନା, ଶିକ୍ଷକ ନବୀନ ସାବତ, ଶିକ୍ଷୟିତ୍ରୀ ଅରୁଣା ବାଗ ଝରଣା ଦାସ, ଶିକ୍ଷକ ଆଶୁତୋଷ ଛତର, ଶିବ ପ୍ରସାଦ ବାଗ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଡିଇଓ ଶ୍ରୀ ସାହୁ ସ୍କୁଲର ପୁରୁଣା ସ୍ମୃତିଚାରଣ କରିବା ସହ ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ଉଦ୍ୟମ କରିବା ସହ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରିବି ବୋଲି କହିଛନ୍ତି ।

# ଷ୍ଟ୍ରବେରି ଚାଷରୁ ସଫଳ କୃଷି ଉଦ୍ୟୋଗୀ





## ବରଗଡ଼ର ଯୁବ ଚାଷୀ ସଞ୍ଜିତ

ବରଗଡ଼, ୫ ।୨(ସମିସ)

ଓଡ଼ିଶାର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲ୍ଲା ଜଣେ ଯୁବ ଚାଷୀ ଷ୍ଟ୍ରବେରି ଚାଷ କରି ସଭିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ପାରମ୍ପରିକ ଧାନ ଚାଷରେ ଲାଗି ରହୁଥିବା ସମସ୍ୟା ଓ ଅଭାବୀ ବିକ୍ରିର ଚକ୍ରବ୍ୟୂହକୁ ଭେଦ କରି ଜଣେ ଯୁବ ଚାଷୀ ସୃଷ୍ଟି କରିଛନ୍ତି ସଫଳତାର ନୂଆ କାହାଣୀ । ସେ ହେଉଛନ୍ତି ଭଟଲି ବ୍ଲକ ଗୋପାଳପୁର ଗ୍ରାମର ସଞ୍ଜିତ ନାଏକ । ସାଧାରଣତଃ ପଶ୍ଚିମ ଓଡ଼ିଶାର ଚାଷୀ ଧାନ ଉପରେ ଅଧିକ ନିର୍ଭର କରିଥାନ୍ତି । କିନ୍ତୁ ମଣ୍ଡି ସମସ୍ୟା ଓ ଉଚିତ୍ ମୂଲ୍ୟ ନମିଳିବା କାରଣରୁ ସଞ୍ଜିତ ନିଜ ଜମିରେ କିଛି ଭିନ୍ନ କରିବାକୁ ସଂକଳ୍ପ ନେଇଥିଲେ । ସେ ଆରମ୍ଭ କଲେ ଷ୍ଟ୍ରବେରି ଚାଷ । ଯାହା ଆଜି ତାଙ୍କୁ ଜଣେ ସଫଳ କୃଷି ଉଦ୍ୟୋଗୀ ଭାବେ ପରିଚୟ ଦେଇଛି । ସଞ୍ଜିତଙ୍କ ମତରେ କେବଳ ସରକାରୀ ସାହାଯ୍ୟ କିମ୍ବା ପାରମ୍ପରିକ ପଦ୍ଧତିରେ ପଡ଼ି ନରହି ଚାଷୀ ଆଧୁନିକ ଜ୍ଞାନକୌଶଳ ଓ ନୂଆ କିସମର ଚାଷ କରିବା ଆବଶ୍ୟକ । ଷ୍ଟ୍ରବେରି ଭଳି ଲାଭଦାୟକ ଫସଲ ଚାଷୀଙ୍କ ଆର୍ଥିକ ସ୍ଥିତିରେ ବଡ଼ ପରିବର୍ତ୍ତନ ଆଣିପାରିବ ବୋଲି ସେ ଅନ୍ୟ ଯୁବ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଆମେ ଯଦି ପରିଶ୍ରମ କରିବା ଓ ସମୟାନୁଯାୟୀ ନିଜକୁ ବଦଳାଇବା ତେବେ ଚାଷରେ କେବେ ହେଲେ କ୍ଷତି ସହିବାକୁ ପଡ଼ିବ ନାହିଁ । ଧାନ ବଦଳରେ ଅଣପାରମ୍ପରିକ ଚାଷ ଆମକୁ ସ୍ୱାବଲମ୍ବୀ କରିପାରିବ ବୋଲି କହିଛନ୍ତି । ସଞ୍ଜିତଙ୍କ ସଫଳତା କେବଳ ତାଙ୍କ ପାଇଁ ନୁହେଁ, ବରଂ ସାରା ଓଡ଼ିଶାର ଯୁବ ସମାଜ ପାଇଁ ବଡ ଉଦାହରଣ ।ନିଜ ମାଟିରେ ରହି କିଭଳି ସ୍ୱାଭିମାନର ସହ ରୋଜଗାର କରାଯାଇପାରେ, ତାହା ସଞ୍ଜିତ ପ୍ରମାଣ କରି ଦେଖାଇଛନ୍ତି ।

# ଜିଲ୍ଲା ସମାଜସେବୀ ସଂଘ ସମ୍ମାନିତ



**ବରଗଡ଼, ୫ ।୨(ସମିସ):** ବାପା-ମା ସେବାଶ୍ରମ ଟ୍ରଷ୍ଟ, ରାଣୀପୁର ଜଟଣୀ ଖୋର୍ଦ୍ଧାର ପଞ୍ଚମ ବାର୍ଷିକ ଉତ୍ସବ ଅବସରରେ ବରଗଡ଼ ଜିଲ୍ଲା ସମାଜସେବୀ ସଂଘର ସେବା କାର୍ଯ୍ୟକୁ ପ୍ରଂଶସା କରି ମାନପତ୍ର, ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଂଘ ସକ୍ରିୟ ସଦଶ୍ୟ ପରମେଶ୍ୱର ନାଥ ସମ୍ମାନ ଗ୍ରହଣ କରିଥିଲେ । ସମ୍ମାନ ଆଗାମୀ ଦିନରେ ସେବା କାର୍ଯ୍ୟ କରିବାକୁ ପ୍ରେରଣା ସାଜିବ ବୋଲି ସଂଘ ପକ୍ଷରୁ କୁହା ଯାଇଛି । ଜିଲ୍ଲା ସମାଜସେବୀ ସଂଘ, ବରଗଡ଼ ତରଫରୁ ବାପା-ମାଙ୍କ ସେବାଶ୍ରମ ଟ୍ରଷ୍ଟର ସମସ୍ତ ସଦଶ୍ୟଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ମୃତ୍ୟୁ ପରେ ଶରୀର ଦାନକଲେ ପରିବାର



ବରଗଡ଼, ୫ ।୨(ସମିସ): ରଞ୍ଜିତ ବଗର୍ତ୍ତୀ ଆଉନାହାନ୍ତି । ସେ ଜୀବିତ ଥିବାବେଳେ ଶରୀର ଦାନ କରିବା ପାଇଁ ଘୋଷଣା କରିଥିଲେ । ଆଜି ମରଣାନ୍ତର ପରେ ପରିବାର ବର୍ଗ ତାଙ୍କର ମର ଶରୀର ବୁର୍ଲା ମେଡିକାଲଙ୍କୁ ହସ୍ତାନ୍ତର କରିଛନ୍ତି । ଭାରତ ସ୍ୱାଭିମାନର ସଦସ୍ୟ ଯୋଗ ଶିକ୍ଷିକ ପରୋପକାରୀ ମିଷ୍ଟଭାସୀ ସମାଜସେବୀ ଭାବରେ ବରଗଡ଼ ତଳିପଡ଼ା ଅଞ୍ଚଳରେ ପରିଚିତ । ବାବା ରାମଦେବ ବରଗଡ଼ ଆସିଥିବା ସମୟରେ ରଞ୍ଜିତ ଭାଇଙ୍କ ବଡ଼ ଭୂମିକା ନେଇଥିଲେ ଏବଂ ସେହି ଦିନ ଠାରୁ ସ୍ୱଦେଶୀ ଭାବନାରେ ଉଦବୁଦ୍ଧ ହୋଇ ସଭାସମିତି କରି ଲୋକଙ୍କୁ ଚେତନାର ବାର୍ତ୍ତା ଦେଉଥିଲେ । କିଛି ଦିନହେବ ଅସୁସ୍ଥତା କାରଣରୁ ବୁର୍ଲା ପରେ ରାୟପୁର ଠାରେ ଚିକିତ୍ସିତ ହେଉଥିଲେ ହେଲେ ହଠାତ୍ ତାଙ୍କର ଦେହ ଅସୁସ୍ଥତା ହେବାରୁ ହସ୍ପିଟାଲ ନେବା ପାଇଁ ବାହାରୁଥିବା ବେଳେ ତାଙ୍କର ଜୀବନ ଚାଲିଗଲା । ଏହି ଖବର ପାଇ ମ୍ୟୁନିସିପାଲଟି ଚେୟାରମ୍ୟାନ କଳ୍ପନା ମାଝୀ, ଚାଷୀ ନେତା ରମେଶ ମହାପାତ୍ର, ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ ଏବଂ ମାରୱାଡି ଯୁବାମାଞ୍ଚର ସଦସ୍ୟମାନେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ । ତାଙ୍କର ପରିବାରରେ ସ୍ତ୍ରୀ, ପୁଅ, ବୋହୂ, ତାତି ଏବଂ ତିନୋଟି ବିବାହିତ ଝିଅ ଓ ତାଙ୍କର ବାରିବାର ବର୍ଗଙ୍କୁ ଛାଡ଼ି ଚାଲିଯାଇଛନ୍ତି । ଏହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଅଛି । ମୃତ୍ୟୁ ପରେ ବି ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ରଞ୍ଜିତ ବଗର୍ତ୍ତୀ ।

## ଅଶାନ୍ତ ବରଗଡ଼ ସହର

# ଗୋଷ୍ଠୀ ସଂଘର୍ଷରେ ଗଡ଼ିଲା ମୁଣ୍ଡ

ବରଗଡ଼, ୫ ।୨(ସମିସ)





ଭାଇଚାରାର ସହର ବରଗଡ଼ ଏବେ ଅଶାନ୍ତ ପାଲଟିଛି । ଆଇନ ଶୃଙ୍ଖଳା ବିଧ୍ୱସ୍ତ, ଅପରାଧ, ଦଙ୍ଗା, ଗୋଷ୍ଠି ସଂଘର୍ଷ ଜନ ଜୀବନ କରୁଛି ନଷ୍ଟ । ବରଗଡ଼ ସହରରେ ଝଗଡ଼ା, ଗୋଷ୍ଠି ସଂଘର୍ଷ ହତ୍ୟା ଯେ ଏବେ ନିତିଦିନିଆ ଘଟଣାରେ ପରିଣତ ହେବାକୁ ଯାଉଛି । କାହିଁକି ଆୟତ୍ତ କରିପାରୁନାହିଁ ପୁଲିସ ବିଭାଗ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୁରୁବାର ରାତ୍ର ୯ ଘଣ୍ଟା ସମୟରେ ବରଗଡ଼ ହାଟପଦା ସାଇ ମନ୍ଦିର ପାଖରେ ଗୋଷ୍ଟି ସଂଘର୍ଷ ହୋଇଥିଲା । ଯାହା ଏତେ ଭୟଙ୍କର ଥିଲାଯେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଭୀମସାର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି । କୌଣସି ଏକ କାରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ପରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ଭୁଜାଲି ଆକ୍ରମଣରେ ଗୁରୁତର ଆହତ ହୋଇଥିବା ତିନିଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଡାକ୍ତର ଜଣକୁ ମୃତ ଘୋଷଣା କରିଥିଲେ ଓ ଅନ୍ୟ ଦୁଇଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଭୀମସାରକୁ ସ୍ଥାନାନ୍ତରଣ କରିଥିଲେ ।

ସୂଚନା ଅନୁସାରେ କଲେଜ ରୋଡ଼ରେ ରହୁଥିବା ପ୍ରଦୀପ ଲୁହା (୨୪) ତାଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ଅତି ଗୁରୁତର ଥିବା ଯୋଗୁଁ ମୁଖ୍ୟ ହସପିଟାଲକୁ ପଠାଇଛନ୍ତି । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୁଣ୍ଡ, ବେକ ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି । ତେବେ ପ୍ରଦୀପଙ୍କ ସହିତ ତାଙ୍କ ସାଙ୍ଗ ରୀତିକ ଓ ସୁରଜ ମଧ୍ୟ ଗୁରୁତର ରହିଅଛି । ତେବେ ଘଟଣା ସ୍ଥଳରେ ବରଗଡ଼ ଟାଉନ ଥାନା ପୁଲିସ ପହଁଞ୍ଚି ତଦନ୍ତ ଆରମ୍ଭ କରିଥିବା କରିଛି । ଘଟଣାସ୍ଥଳେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ରହିଥିବାରୁ ବ୍ୟାପକ ପୁଲିସ ମୁତୟନ ହୋଇଛନ୍ତି ।

# ଆନ୍ତଃଜିଲ୍ଲା ଯୁବ ବିନିମୟ ପ୍ରଶିକ୍ଷଣ ଶିବିର




ପାଇକମାଲ, ୫ ।୨(ସମିସ): ଭାରତ ସରକାରଙ୍କ ଯୁବ ଏବଂ ଖେଳ ମନ୍ତ୍ରଣାଳୟର ଅଧୀନରେ କାର୍ଯ୍ୟକରୁଥିବା ମେରା ଯୁବ ଭାରତ ବରଗଡ଼ ଦ୍ୱାରା ଏକ ପାଞ୍ଚ ଦିନିଆ ଆନ୍ତଃଜିଲ୍ଲା ଯୁବ ବିନିମୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭିଡିପ୍ଲେସ୍ ବରଗଡ଼ରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଗଞ୍ଜାମ ଜିଲ୍ଲାର ୧୦ ଜଣ ଯୁବତୀ ଓ ୨୭ ଜଣ ଯୁବକ ଅଂଶଗ୍ରହଣ କରିଛନ୍ତି । ଏହି ଶିବିର ଫେବୃଆରୀ ୨ ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବବୋଲି ଜିଲ୍ଲା ଯୁବ ଅଧିକାରୀ କମଳ ସା ଜଣାଇଛନ୍ତି । ସମସ୍ତ ପ୍ରତିଯୋଗୀମାନେ ପବିତ୍ର ଚାଲଧାର ଘାଟ, ଭୀମଧାର ଘାଟ, ସୀତାକୁଣ୍ଡ ଘାଟ ପଞ୍ଚପାଣ୍ଡବ ଘାଟ ଦେଖି ପ୍ରକୃତି ନିବାସରେ ଏକତ୍ରିତ ହୋଇଥିଲେ । ଏଠାରେ ପ୍ରକୃତି ବନ୍ଧୁ ବଡ ଶତପଥୀ ଗନ୍ଧମାର୍ଦନ ପର୍ବତ, ଏଠାରେ ଥିବା ଔଷଧ, ଜଳପ୍ରପାତ, ନୃସିଂହନାଥ ମନ୍ଦିରର ସମସ୍ତ କାହାଣୀ ବର୍ଣ୍ଣନା କରିଥିଲେ । ସେଠାରୁ ଲୁମମିନି ଉଦ୍ୟାନ, ପାର୍ବତୀ ଗିରି ଆଶ୍ରମ, ଔଷଧୀୟ ବୃକ୍ଷ ଉଦ୍ୟାନ ସହିତ ଜଙ୍ଗଲ ଭ୍ରମଣ କରିଥିଲେ, ଆୟୁର୍ବେଦ ମହାବିଦ୍ୟାଳୟର ସମ୍ପାଦକ ମନୋଜ ତ୍ରିବେଦୀ ଓ ପ୍ରକୃତି ବନ୍ଧୁ ମିନକେତନ ସାହୁ ମଧ୍ୟ ବିଭିନ୍ନ ଔଷଧ ବୃକ୍ଷ ଓ ଏହାର ଉପକାରିତା ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ ଛାତ୍ର ଛାତ୍ରୀମାନଙ୍କୁ । ଏହି କାର୍ଯ୍ୟକ୍ରମରେ ଆଶୀର୍ବାଦ ମହାପାତ୍ର, ସାମ୍ବାଦିକ ଉମେଶ ବିଶ୍ୱାଳ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟର ସମ୍ପାଦକ ମନୋଜ ତ୍ରିବେଦୀ, ପ୍ରକୃତି ବନ୍ଧୁ ବଡ଼ ଶତପଥୀ, ପ୍ରକୃତି ବନ୍ଧୁ ମିନକେତନ ସାହୁ, ଦୁର୍ଯୋଧନ ପାଣ୍ଡେ ଓ ଛନ୍ଦାଚରଣ ଭୋଇ ପ୍ରମୁଖଙ୍କ ସହ ୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ




ଝାରବନ୍ଧ, ୫ ।୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବଲିଡିପାରେ ୨୦୨୫-୨୬ ଶିକ୍ଷାବର୍ଷର ଦ୍ୱିତୀୟ ବାର୍ଷିକ ଉତ୍ସବ "ଝଙ୍କାର୨.୦" ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତି ତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏମ୍. ଗଣ୍ଡପାଲି ବିଜେପୁରର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ ଓ ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ମୁଖ୍ୟବକ୍ତା ଭାବେ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ଯୋଗ ଦେଇଥିଲେ । କ୍ଷୀର ସାଗର ମହାନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜୟ କୁମାର ଦାନି ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ ବାର୍ଷିକ ରିପୋର୍ଟ ଉପସ୍ଥାପନ କରି ବିଦ୍ୟାଳୟର ଶିକ୍ଷା, କ୍ରୀଡା ଓ ସାଂସ୍କୃତିକ ସଫଳତା ବିଷୟରେ ତଥ୍ୟ ଦେଇଥିଲେ । ଏହି ଅବସରରେ ବିଜୟ କୁମାର ଦାନି ଓ ସୁଦୀପ୍ତ ଗିରି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ପରିଚଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଜୟ କୁମାର ଦାନୀଙ୍କ ରଚିତ ଓ ନିର୍ଦ୍ଦେଶନାରେ ନାଟକ 'ଜିରୋ ରୁ ହିରୋ' ଛାତ୍ରଛାତ୍ରୀମାନଙ୍କ ପରିବେଷଣ ବିଶେଷ ଆକର୍ଷଣ ହୋଇଥିଲା । ଦାଦନ ମନା, ବାଳ ଶ୍ରମିକ ବିରୋଧ, ପରିଶ୍ରମ ର ପ୍ରଭାବ, ଗରିବ ମଧ ବଡ଼ ଲୋକ ହୋଇ ପରେ ଏହି ବାର୍ତ୍ତା ନାଟକ ରେ ରହିଥିଲା ।

# ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

ବରପାଲି, ୫ ।୨(ସମିସ): ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ରେଡକ୍ରସ ତରଫରୁ ସ୍ୱେଚ୍ଛାସେବୀଙ୍କ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ଶିବିରଟି ଗତ ଜାନୁୟାରୀ ୧୯ ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଅନୁଷ୍ଠିତ ହୋଇଥିଲା । ଜେଡି ମହିଳା ମହାବିଦ୍ୟାଳୟ ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ଓ ସହଯୋଗୀ ଅଧ୍ୟାପିକା କାଉନସିଲରଯାଜ୍ଞସେନୀ ପଟେଲଙ୍କ ତତ୍ତ୍ୱାବଧାନରେ ତୃତୀୟବର୍ଷ ଛାତ୍ରୀ ଯାଜ୍ଞସେନୀ ମହାକୁର ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । ପ୍ରବନ୍ଧ ପ୍ରତିଯୋଗିତାରେ ଛାତ୍ରୀ ଯାଜ୍ଞସେନୀ ମହାକୁର ଶ୍ରେଷ୍ଠ ବିବେଚିତ ହୋଇଥିଲେ । ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ପରିଚାଳନା କମିଟି ସଦସ୍ୟମାନେ ସମ୍ବର୍ଦ୍ଧନା ଦେଇଥିଲେ । ସେହିପରି ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ମହାବିଦ୍ୟାଳୟ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ସଫେଇ ଅଭିଯାନରେ ଭାଗ ନେଇ ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଳାଇଥିବାରୁ ସ୍ୱେଚ୍ଛାସେବୀ ମାନଙ୍କୁ ପକ୍ଷରୁ ଅଧ୍ୟକ୍ଷା ଦାଶ ପ୍ରଶଂସା ପତ୍ର ପ୍ରଦାନ ସହ ସମ୍ମାନୀତ କରିଥିଲେ । କାଉନସିଲର ଅଧ୍ୟାପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୁଆ ଖେଳ ଉପରେ ଚଢ଼ଉ, ୪ ଗିରଫ

ଅତାବିରା, ୫ । ୨(ସମିସ): ଅତାବିରା ଥାନା ଅଧୀନ ଟୋପ ମାଙ୍ଗଲିପଡ଼ାରେ ଚାଲିଥିବା ଜୁଆଖେଳ ଉପରେ ଚଢ଼ଉ କରି ୪ ଜଣଙ୍କୁ ପୁଲିସ ଗିରଫ କରିଛି । ଗିରଫ ସମସ୍ତ ଜୁଆଡିମାନେ ସୁନ୍ଦରଗଡ଼ ଜିଲ୍ଲାର । ସେମାନେ ହେଲେ କେନଜିରିକେଲା ଥାନାର ମହେନ୍ଦ୍ର ରହିଦାସ (୪୧), ତଳସରାର ପ୍ରମୋଦ ବେହେରା (୩୯), ଧରିଆଡିହିର ସାହେବ ମିରି(୩୦), ସୁନ୍ଦରଗଡ଼ ଟାଉନ ଥାନାର କ୍ରିଷ୍ଣା ରହିଦାସ (୨୬) । ସେମାନଙ୍କଠୁ ନଗଦ ୭୦ ହଜାର ୩ଶହ ଟଙ୍କା, ୪ଟି ମୋବାଇଲ, ଜୁଆ ପଟ୍ଟି, ଗୁଡ଼ି ଜବତ କରିଛି ।



# ନରେନ୍ଦ୍ର ପ୍ରଧାନଙ୍କୁ ଝାରବନ୍ଧ ବ୍ଲକ୍ କଂଗ୍ରେସର ନେତୃତ୍ୱ ଦାୟିତ୍ୱ



ଝାରବନ୍ଧ, ୫ ।୨(ସମିସ): ଝାରବନ୍ଧ ବ୍ଲକ କଂଗ୍ରେସ ରାଜନୀତିରେ ଏକ ନୂତନ ପର୍ବର ଆରମ୍ଭ ହୋଇଛି । ଦୀର୍ଘଦିନ ଧରି ସଂଗଠନ ଓ ଲୋକସେବାରେ ସକ୍ରିୟ ନେତା ନରେନ୍ଦ୍ର ପ୍ରଧାନଙ୍କୁ ବ୍ଲକ କଂଗ୍ରେସ ସଭାପତି ଭାବେ ମନୋନୀତ କରାଯାଇଛି । ପ୍ରଦେଶ କଂଗ୍ରେସ କମିଟି ଓଡ଼ିଶା ପକ୍ଷରୁ ତାଙ୍କ ନାମ ଘୋଷଣା ହେବା ପରେ ଅଞ୍ଚଳର କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଉତ୍ସାହର ଲହରି ଦେଖାଯାଇଛି ।"ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. କୃପାସିନ୍ଧୁ ଭୋଇଙ୍କ ଚିନ୍ତାଧାରାରେ ପ୍ରେରିତ ହୋଇ ନରେନ୍ଦ୍ର ପ୍ରଧାନ ୨୦୦୧ରୁ ଯୁବ କଂଗ୍ରେସ ଝାରବନ୍ଧ ବ୍ଲକ ସଭାପତି ଭାବେ ରାଜନୀତିକ ଯାତ୍ରା ଆରମ୍ଭ କରିଥିଲେ । ୨୦୧୨ରେ ଚଣ୍ଡୀଭଟା ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ସ୍ଥାନୀୟ ଉନ୍ନତିରେ ସେ ଅନେକ ପ୍ରୟାସ କରିଥିଲେ । ପରେ ୨୦୧୭ରେ ଲଉଡ଼ୀଦରହା ଗ୍ରାମପଞ୍ଚାୟତ ସମିତି ସଭ୍ୟ ଭାବେ ଓ ୨୦୨୨ରେ ତାଙ୍କ ଧର୍ମପତ୍ନୀ ଚଣ୍ଡୀଭଟା ଗ୍ରାମପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ।

# ମହେନ୍ଦ୍ର ଖୁଣ୍ଟିଆ ବ୍ଲକ୍ କଂଗ୍ରେସ ସଭାପତି ଭାବେ ମନୋନୀତ



ପାଇକମାଲ, ୫ ।୨(ସମିସ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଗାଁର ସମାଜସେବୀ ତଥା କଂଗ୍ରେସ ନେତା ମହେନ୍ଦ୍ର ଖୁଣ୍ଟିଆ ପାଇକମାଲ ବ୍ଲକ କଂଗ୍ରେସ ସଭାପତି ଭାବରେ ମନୋନୀତ ହୋଇଛନ୍ତି । ଏନେଇ କଂଗ୍ରେସ ପ୍ରେମୀ ତଥା ଯୁବ କଂଗ୍ରେସକର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଶ୍ରୀ ସାହୁ ମାଣ୍ଡୋସିଲ ତଥା ପାଇକମାଲ ଅଞ୍ଚଳ ଜଣାଶୁଣା ଟାଣୁଆ କଂଗ୍ରେସ ନେତା । ଅଞ୍ଚଳରେ ତାଙ୍କର ସମାଜସେବା ପାଇଁ ବେଶ ଲୋକପ୍ରିୟତା ରହିଛି । ସେ କଂଗ୍ରେସ ସହିତ ବହୁ ଦିନରୁ ଜଡ଼ିତ ହୋଇ କଂଗ୍ରେସ ଦଳ ପାଇଁ କାମ କରି ଆସୁଛନ୍ତି ଏନେଇ ତାଙ୍କୁ ପାଇକମାଲ ବ୍ଲକ କଂଗ୍ରେସ ସଭାପତି ମନୋନୀତ କରିଥିବାରୁ ଓଡ଼ିଆ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ବରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ବ୍ଲକ୍ ଅଫିସ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ଧାରଣା

ଟିଟିଲାଗଡ଼, ୫ ।୨(ସମିସ): ଟିଟିଲାଗଡ଼ ବ୍ଲକ କଂଗ୍ରେସ ତରଫରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ତୁରନ୍ତ ଭି ବି ଜି ରାମ ଜି ଯୋଜନାର ନାମ ପ୍ରତ୍ୟାହାର କରି ପୂର୍ବ ଭଳି ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି । ବ୍ଲକ କଂଗ୍ରେସ ସଭାପତି ମଗନ ସୁନାଙ୍କ ନେତୃତ୍ୱରେ ବୀରେନ୍ଦ୍ର ବାଗ, ଜିଲ୍ଲା ଏସସିଏସଟି ସେଲ୍ଫ ଅଧ୍ୟକ୍ଷ ଡମ୍ବରୁଧର ଛତ୍ରିଆ, ନଗର କଂଗ୍ରେସ ସଭାପତି ରଞ୍ଜନ ଦାଶ, ଜିଲ୍ଲା ସମ୍ପାଦକ ଶିବ ପ୍ରସାଦ ପରିଡ଼ାଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ଥିଲେ । ସେହିଭଳି ଟାଟା ପାୱାରର ମନମୁଖୀ ବିଦ୍ୟୁତ୍ ବିଲ୍ ସଂଗ୍ରହ ବନ୍ଦ କରିବା, ଦୁଇ ଚକିଆ ଯାନବାହାନ ଉପରେ ପରିବେଶ ସମ୍ପର୍କିତ ପ୍ରମାଣପତ୍ର ନାମରେ ଟଙ୍କା ଆଦାୟ କରିବାରୁ ନିବୃତ୍ତ ରହିବା ନେଇ ଚେତାବନୀ ଦିଆଯାଇଛି । ଏହାସହ ଏକ ଦାବିପତ୍ର ବ୍ଲକ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ନଚେତ ଆଗକୁ ବିଧାନସଭା ଘେରଉ କରାଯିବା ନେଇ ଚେତାବନୀ ଦିଆଯାଇଛି । ଛନ୍ଦା ଚରଣ କଟା, ସୁଭାଷ ଚନ୍ଦ୍ର ଭୋଇ, ଜୟ ସିଂ ତାଣ୍ଡି, ଲିଙ୍ଗରାଜ ସୁନା, ବିଚିତ୍ର ବାଗ, ହେମନ୍ତ ବେହେରା, କୁନା ସାହୁ, ଅରୁଣ ହରପାଳ, ସିଦ୍ଧାନନ ସୁନା ପ୍ରମୁଖ ଏଥିରେ ସାମିଲ ଥିଲେ ।

# ବିଜେପୁରରେ ଉଚ୍ଛେଦ ପରେ ମନ୍ଥର ଗତିରେ ସଫେଇ କାମ

ବିଜେପୁର, ୫ ।୨(ସମିସ): ବିଜେପୁର ସହରକୁ ସୁନ୍ଦର ଓ ସୁସଜ୍ଜିତ କରିବା ପାଇଁ ବରଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି । ରାସ୍ତାକଡ଼ର ସରକାରୀ ଜମିକୁ ଅତିକ୍ରମ କରି ତିଆରି ହୋଇଥିବା ଘର ଓ ଦୋକାନ କୋଠାଗୁଡ଼ିକୁ ଭଙ୍ଗା ଯାଇଛି । ମାତ୍ର ଏହି ଉଚ୍ଛେଦ ପରେ ଘର ଗୁଡ଼ିକର କଂକ୍ରିଟ ଛାତ, ଇଟା, ରଡ଼ ଓ ଅନ୍ୟାନ୍ୟ ଭଙ୍ଗା ଦଦରା ସାମଗ୍ରୀ ରାସ୍ତାକଡରେ ପଡ଼ି ରହିଛି । ଏହା ସଫା କରାଯାଇ ନ ଥିବାରୁ ଯାନ ବାହନ ଚଳାଚଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟ ପକ୍ଷରେ ସହରର ସୌନ୍ଦର୍ଯ୍ୟ ମଧ ନଷ୍ଟ ହେଉଛି । ବିଶେଷକରି ରାତିବେଳେ କମ୍ ଆଲୋକ ଥିବା ସ୍ଥାନରେ ଦୁର୍ଘଟଣା ଘଟିବାର ଆଶଙ୍କା ଅଧିକ ରହିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତାକଡ଼ରେ ପଡ଼ି ରହିଥିବା ଭଙ୍ଗା ଦଦରା ସାମଗ୍ରୀ ଦ୍ୱାରା ଦୂର୍ଘଟଣାର ଆଶଙ୍କା ରହୁଛି । ଏ ସଂକ୍ରାନ୍ତରେ ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଫୋନ୍ କରାଯାଇ ଥିଲା କିନ୍ତୁ ସେ ଉଠାଇ ନ ଥିଲେ । ଅନ୍ୟପକ୍ଷରେ ସଫେଇ କାମ ଆରମ୍ଭ ହୋଇଛି ବୋଲି ତହସିଲଦାର କହିଛନ୍ତି । ତେଣୁ ଯଥାଶୀଘ୍ର ସଫେଇକୁ ଗୁରତ୍ୱ ପ୍ରଦାନ କରି ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ବିଦ୍ୟୁତ୍ ଅନିୟମିତତା ନେଇ ପଥରାସେନିରେ ଚାଷୀଙ୍କ ବୈଠକ

ଅମ୍ବାଭୋନା, ୫ ।୨(ସମିସ)



ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକର ବାଞ୍ଜିପାଲି ପଞ୍ଚାୟତ ଅଧୀନ ପଥରାସେନି ମନ୍ଦିର ପ୍ରାଙ୍ଗଣରେ ବିଦ୍ୟୁତ ବିଲ, ଗଭୀର ନଳକୂପ ଓ ସୋଲାର ଚାଳିତ ବିଦ୍ୟୁତ ସମ୍ପର୍କିତ ଅନିୟମିତତା ନେଇ ଚାଷୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାରପାହାଡ଼ କୃଷକ ସଂଗଠନର ସଭାପତି ଇସାନ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଥିଲା । ବୈଠକରେ ଚାଷୀମାନେ ଅଭିଯୋଗ କରିଥିଲେ ଯେ ଗଭୀର ନଳକୂପ ବିଦ୍ୟୁତ ବିଲ୍ ଆଦାୟରେ ଟାଟାପାୱାର ବିଦ୍ୟୁତ ବିତରଣ ବିଭାଗ ପକ୍ଷରୁ ବ୍ୟାପକ ଅନିୟମିତତା କରାଯାଉଛି, ଯାହାକୁ ନେଇ ଚାଷୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମସ୍ୟାର ସମାଧାନ ନେଇ ବୈଠକରେ ଟାଟାପାୱାର ବିଦ୍ୟୁତ ବିତରଣ ବିଭାଗର ଭୁକ୍ତା ଗ୍ରୀଡ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ତାରିଣୀ ପ୍ରସାଦ ଦାସଙ୍କ ସହିତ ଆଲୋଚନା କରାଯାଇଥିଲା । ବିଦ୍ୟୁତ ବିଲ ଆଦାୟ ସମ୍ପର୍କିତ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ସେ ବୈଠକରେ ଆଶ୍ୱାସନ ଦେଇଥିଲେ । ସେହିପରି କୁମ୍ଭୋ ଗ୍ରାମର ଜୈବିକ ଚାଷୀ ମନୋରଞ୍ଜନ ବାରିକ ସୋଲାର ଚାଳିତ ବିଦ୍ୟୁତ ଉପଭୋକ୍ତାଙ୍କୁ ନିୟମ ବିରୋଧୀ ଭାବେ ଅଧିକ ବିଲ୍ ଆସୁଥିବା ନେଇ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ ଅମ୍ବାଭୋନା ବ୍ଲକରେ ଟିପିଡବ୍ଲୁଓଡିଏଲ୍‌ର ବିଦ୍ୟୁତ ବିତରଣ ସକାଶେ ଅମ୍ବାଭୋନା, କଣପଲା, ଡୁଙ୍ଗୁରୀ ଓ ଭୁକ୍ତା ଗ୍ରୀଡ୍‌ରେ ମୋଟ ୧୪ଟି ଫିଡର ରହିଛି । ବ୍ଲକର ୧୫ଟି ପଞ୍ଚାୟତର ୧୦୪ଟି ଗ୍ରାମରେ ସର୍ବମୋଟ ୧୩, ୮୦୦ ଜଣ ବିଦ୍ୟୁତ ଉପଭୋକ୍ତା ରହିଥିବା ବେଳେ, ତାଙ୍କ ମଧ୍ୟରୁ ୧, ୭୦୦ ଜଣ ଗଭୀର ନଳକୂପ ବିଦ୍ୟୁତ ଉପଭୋକ୍ତା ଅଛନ୍ତି । ୫, ୬୨୨ ଟଙ୍କା ଡିପୋଜିଟ ଦେଇ ୧ କିଲୋୱାଟ ସୋଲାର ଚାଳିତ ବିଦ୍ୟୁତ ଉପଭୋକ୍ତା ହୋଇପାରିବେ ବୋଲି ବିଦ୍ୟୁତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ବୈଠକରେ ବରା, ବଙ୍ଗାପାଲି, ବିଲେଇଗଡ଼, ଲାଉନସରା, ରାମଖୋଲ, ଜରୀମୂଳି, ଡୁଙ୍ଗୁରୀ, ବାଞ୍ଜିପାଲି, ଲଖନପୁର, ରୁଚିଦା, ନାରଙ୍ଗପୁର, ଭୈନାତୋରା ସମେତ ବହୁ ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ ।

● ଆଜିଠୁ ସିକେ ନାଇଡୁ ଟ୍ରଫି

# ବରଗଡ଼ ପହଞ୍ଚିଲେ ରିଦ୍ଧିମାନ ଶାହା



ବରଗଡ଼, ୫ ।୨(ସମିସ): ଆଜି ଠାରୁ ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ୨୩ ବର୍ଷରୁ କମ ସିକେ ନାଇଡୁ ଟ୍ରଫିର ମ୍ୟାଚ୍ ଅନୁଷ୍ଠିତ ହେବଫ ପ୍ରତିଯୋଗିତାରେ ଭାଗ ନେବାକୁ ଦୁଇଦିନ ପୂର୍ବରୁ ଉଭୟ ଦଳ ବରଗଡ଼ ରେ ପହଞ୍ଚି ନିଜ ନିଜ ପ୍ରାକ୍ଟିସ ସାରି ଆସନ୍ତାକାଲି ହେବାକୁ ଥିବା ମ୍ୟାଚ୍ ପାଇଁ ପ୍ରସ୍ତୁତ ହୋଇସାରିଛିନ୍ତି ।ଗୁରୁବାର ବେଙ୍ଗଲ ଦଳର କୋଚ୍ ଭାରତୀୟ ଦଳର ପୂର୍ବତନ ଖେଳାଳି ରିଦ୍ଧିମାନ ଶାହା ବରଗଡ଼ ପହଞ୍ଚି ଦଳ ସହ ଯୋଗ ଦେଇଛନ୍ତି । ଆଜି ସେ ହୋଟେଲରେ ପହଞ୍ଚିବା ପରେ ତାଙ୍କୁ ବରଗଡ଼ ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ପ୍ରାକ୍ତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ବରିଷ୍ଠ ସଦସ୍ୟ ପ୍ରଦୀପ ନନ୍ଦ ପ୍ରମୁଖ ସ୍ୱାଗତ କରିଥିଲେ ।

